ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ 8 Pages,₹ 2.00

ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

● ବର୍ଷ–୩୧ ● ସଂଖ୍ୟା–୧୩୦ ● ୭ ଜୁନ୍ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-130 ● 7th June 2024, Friday ● Bhubaneswar | Licensed to post without pre-payment of postage No- BN-60/22-24

୧୦ ତାରିଖ ପୂର୍ବରୁ ଓଡ଼ିଶା ଛୁଇଁବ ମୌସୁମୀ

ହୋଇପାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା

ଭୁବନେଶ୍ୱର, ୬।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ଥିବା ବେଳେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଆଗାମନ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି । ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ, ଆଗାମୀ ୩ ଦିନ ଭିତରେ ଦକ୍ଷିଣ ଓଡ଼ିଶା ମୌସୁମୀ ବାୟୁ ଛୁଇଁବାର ସମ୍ଭାବନା ରହିଛି । ବର୍ତ୍ତମାନ ରାଜ୍ୟରେ ପାଗ ବା ସ୍ଥିତି ଅନୁକୂଳ ଭଲ ରହିଛି । ମୌସୁମୀ ଓଡିଶା ଛୁଇଁବା ପରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ସହ ୪୮ ଘଣ୍ଟା ମଧ୍ୟରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିଜୁଳି ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ପବନର ବେଗ

୩୦ରୁ ୪୦ କିଲୋମିଟର ରହିବ ।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା କହିଛନ୍ତି, ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଉପକୂଳରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । ୮ ତାରିଖରୁ ୧୦ ଯାଏ ଦିନର ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି । ଏନେଇ ଆସନ୍ତା ୨୪ ଘଣ୍ଟାରେ କେତେକ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ ବରଗଡ, ବଲାଙ୍ଗୀର ଓ ନୂଆପଡାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ପୁଣି ୮ରୁ ଗ୍ରୀଷ୍ମ ପ୍ରବାହ ଜାରି ହେବାକୁ ଥିବା ବେଳେ ବରଗଡ଼ ବଲାଙ୍ଗୀର ଓ ନୂଆପଡା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହାସହ ଆସନ୍ତା ୫ ଦିନ ଯାଏ ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ରହିବା ସହ ଉଷ୍ମ ଓ ଆର୍ଦ୍ର ସ୍ଥିତି ଲାଗିରହିବ । ରାଜ୍ୟକୁ ଶୁଷ୍କ ଗରମ ପବନର ପ୍ରବେଶ ଓ ଆର୍ଦ୍ରତାର ପରିମାଣ ଅଧିକା ରହୁଥିବା ବେଳେ ଏଭଳି ଅସହ୍ୟ ଗୁଳୁଗୁଳି ହେଉଥିବା କହିଛି ପାଣିପାଗ ବିଭାଗ । ଉପକୂଳରେ ଅସହ୍ୟ ଗୁଳୁଗୁଳି ସହ ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବାର ସମ୍ଭାବନା ଥିବା ବେଳେ କେତେକ ସ୍ଥାନରେ ୪୨ ଡିଗ୍ରୀରୁ ଊର୍ଦ୍ଧ୍ୱ ତାପମାତ୍ରା ରେକର୍ଡ ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ବିଏସ୍‌କେଓ୍ୱାଇ ଚାଲୁ ରହିଛି

ଭୁବନେଶ୍ୱର, ୬।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ବିଏସ୍‌କେଓ୍ୱାଇ ଚାଲୁ ରହିଛି ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ବିଏସ୍‌କେଓ୍ୱାଇ ଚାଲୁ ରହିଛି । ଏହି ଯୋଜନାରେ ରୋଗୀ ଚିକିତ୍ସା ଅବ୍ୟାହତ ଅଛି । ହିତାଧିକାରୀଙ୍କୁ ହସ୍ପିଟାଲମାନେ ଅବହେଳା କରିପାରିବେ ନାହିଁ କି ଡିସ୍‌ଚାର୍ଜ କରିପାରିବେ ନାହିଁ । କିଛି ଅସୁବିଧା ହେଲେ ହିତାଧିକାରୀମାନେ ହେଲ୍ପଲାଇନ ନମ୍ବରରେ ଜଣାଇ ପାରିବେ । କୌଣସି ହସ୍ପିଟାଲ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସତର୍କ କରିଦେଇଛନ୍ତି ଏବଂ ହସ୍‌ପିଟାଲ ମାନଙ୍କୁ ମଧ୍ୟ ସେହି ଅନୁସାରେ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟପକ୍ଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି । ଏଥିରେ କୁହାଯାଇଛି ବିଏସ୍‌କେଓ୍ୱାଇ ଚାଲୁ ରହିଛି ଏବଂ ଘରୋଇ ହସ୍ପିଟାଲ ସହ ହୋଇଥିବା ଚୁକ୍ତି ବା ଏମ୍‌ଓୟୁ ବଳବତ୍ତର ରହିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ସ୍ପଷ୍ଟ କରାଯାଇଛି । ଯେଉଁମାନଙ୍କର ବିଏସ୍‌କେଓ୍ୱାଇ

କାର୍ଡ ଅଛି, ସେମାନଙ୍କୁ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକ ପୂର୍ବଭଳି ଚିକିତ୍ସା ସେବା ଯୋଗାଇ ଦିଅନ୍ତୁ । ଚିକିତ୍ସା ବାବଦକୁ ହସ୍ପିଟାଲଗୁଡିକ ଯେଉଁ ବିଲ ଦେବେ ପୂର୍ବଭଳି ଏସ୍‌ଏଚଏଏସ୍ ମାଧ୍ୟମରେ ଅର୍ଥ ପାଇବେ । ରୋଗୀମାନେ ଯେପରି ଚିକିତ୍ସା ସେବା ପାଇବାରେ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ନହେବେ, ତାହା ସୁନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ବିଭାଗ ହସ୍ପିଟାଲଗୁଡିକୁ କହିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବୁଧବାର ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ନୂଆ ସରକାର ଆସିଲେ ବିଏସ୍‌କେଓ୍ୱାଇ ବନ୍ଦ ହେବ ବୋଲି କୁହାଯାଇଥିଲା । ଯାହାକୁ ନେଇ ରାଜ୍ୟର କେତେକ ହସ୍‌ପିଟାଲରେ ରୋଗୀ ସେବା କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଥିଲା । ତେବେ ଏହି ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା । ସେହିପରି ମୁଖ୍ୟଶାସନ ସଚିବ ଶ୍ରୀ ଜେନା ଏହା ଉପରେ ସରକାରଙ୍କ ସ୍ପଷ୍ଟ ଆଭିମୁଖ୍ୟ ଗଣମାଧ୍ୟମ ଜରିଆରେ ପ୍ରକାଶ କରିଛନ୍ତି ।

ନିର୍ବାଚନ ସରିବା ପରେ ହଟିଲା ଆଦର୍ଶ ଆଚରଣ ବିଧି

ଭୁବନେଶ୍ୱର, ୬।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ଗୁରୁବାର ହଟାଯାଇଛି । ଏନେଇ ନିର୍ବାଚନ ଆୟୋଗ ଓଡ଼ିଶାର ମୁଖ୍ୟ ସଚିବ ଓ କେନ୍ଦ୍ର କ୍ୟାବିନେଟ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ।

ସୂଚନାଯୋଗ୍ୟ, ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ଗତ ମାର୍ଚ୍ଚ ୧୬ତାରିଖରୁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିଲା । ରାଜ୍ୟରେ ୪ଟି ପର୍ଯ୍ୟାୟରେ ବିଧାନସଭା ଓ ଲୋକସଭା ନିର୍ବାଚନ ଶେଷ ହୋଇଥିବା ବେଳେ ଜୁନ ୪ରେ ଫଳାଫଳ ପ୍ରକାଶ ପାଇଛି ।

ଜ୍ୟୋତିପ୍ରକାଶ ପଟ୍ଟନାୟକ ନୂଆ କାର୍ଯ୍ୟକାରୀ ଆଡଭୋକେଟ୍ ଜେନେରାଲ

ଭୁବନେଶ୍ୱର, ୬।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସାଧାରଣ ନିର୍ବାଚନ ଫଳାଫଳ ଆସିବା ପରେ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ନୂତନ କାର୍ଯ୍ୟକାରୀ ଆଡଭୋକେଟ୍ ଜେନେରାଲ ଭାବେ ଜ୍ୟୋତି ପ୍ରକାଶ ପଟ୍ଟନାୟକଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ଏନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ରବିବାର କେନ୍ଦ୍ର ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ

ଓଡ଼ିଶାରୁ ୫/୬ ଜଣ ସ୍ଥାନ ପାଇପାରନ୍ତି

ଭୁବନେଶ୍ୱର, ୬।୬
ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ନୂଆଦିଲ୍ଲୀରେ ଏନ୍‌ଡିଏର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବା ନିର୍ଦ୍ଧାରିତ ହୋଇଛି । ଏହି ବୈଠକ ପରେ ରାଷ୍ଟ୍ରପତିଙ୍କୁ ଭେଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନୂଆ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରାଯିବ । ସମ୍ଭବତଃ ୯ ତାରିଖ ସନ୍ଧ୍ୟାରେ ନରେନ୍ଦ୍ର ମୋଦି ପୁଣି ଥରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ । ଏଥିସହ ନୂତନ କେନ୍ଦ୍ର ମନ୍ତ୍ରିମଣ୍ଡଳ ମଧ୍ୟ ଶପଥ ଗ୍ରହଣ କରିବ । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାରୁ ଏଥର ଅତିକମ୍‌ରେ ୫/୬ ଜଣଙ୍କୁ ନିଆଯାଇପାରେ । ଯେହେତୁ ଓଡ଼ିଶାର ୨୧ ଲୋକସଭା ଆସନ ମଧ୍ୟରୁ ୨୦ଟି ଆସନ ବିଜେପି ଅକ୍ତିଆର କରିବା ସହ ବିପୁଳ ସଫଳତା ଲାଭ କରି ପାରିଛି ସେ ଦୃଷ୍ଟିରୁ ଓଡ଼ିଶାକୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନିଶ୍ଚିତ ଭାବେ ଗୁରୁତ୍ୱ ଦିଆଯିବାର ସମ୍ଭାବନା ସୃଷ୍ଟି ହୋଇଛି । ଓଡ଼ିଶାରେ ବିଜେପିର ସଫଳତା ପଛରେ ପ୍ରଚ୍ଛନ୍ନ ଭୂମିକା ଗ୍ରହଣ କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପୁନର୍ବାର ଗୁରୁତ୍ୱପୂର୍ଣ୍ଣ ପଦ ମିଳିବା ନେଇ ଆଲୋଚନା ହେଉଛି । ସେହିପରି ପୁରୀ ଆସନରୁ ଜିତିଥିବା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ବାଲେଶ୍ୱର ଆସନରୁ ଜିତିଥିବା ପ୍ରତାପ ଷଡଙ୍ଗୀ, ବଲାଙ୍ଗୀର *(ପୃଷ୍ଠା ୭ରେ)*

ଶିବରାଜ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ନେଇ ଚର୍ଚ୍ଚା

କ୍ୟାବିନେଟରେ ନଡ୍ଡା ସାମିଲ ହେବା କଳ୍ପନାଜଳ୍ପନା

ନୂଆଦିଲ୍ଲୀ, ୬।୬

ଭାରତୀୟ ଜନତା ପାର୍ଟି (ବିଜେପି) ବିଷୟରେ ଗୁରୁତ୍ୱପୂର୍ଣ୍ଣ ଖବର ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ତାଙ୍କ ପଦରୁ ଇସ୍ତଫା ଦେବା ନେଇ ଆଲୋଚନା ହେଉଛି । ତାଙ୍କ ସ୍ଥାନରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଭାର ସମ୍ଭାଳିବା ପାଇଁ ଦିଲ୍ଲୀ ଡକାଯାଇପାରେ ବୋଲି କୁହାଯାଉଛି । ଶିବରାଜ ସିଂ ବିଦିଶା ଲୋକସଭା ଆସନରେ କଂଗ୍ରେସର ଭାନୁ ପ୍ରତାପ ଶର୍ମାଙ୍କୁ ପରାସ୍ତ କରିଛନ୍ତି । *(ପୃଷ୍ଠା ୭ରେ)*

ଇସ୍ତଫା ଦେଲେ ସୁରେଶ ମହାପାତ୍ର, ଆର ବାଲକ୍ରିଷ୍ଣନ ଓ ମନୋଜ ମିଶ୍ର

ଭୁବନେଶ୍ୱର, ୬।୬
ନ୍ୟୁଜ୍ ବ୍ୟୁରୋ

ଚଳିତ ସାଧାରଣ ନିର୍ବାଚନରେ ବିଜେଡି ହାରିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ନବୀନ ପଟ୍ଟନାୟକ ୫ ତାରିଖରେ ଇସ୍ତଫା ଦେଇଛନ୍ତି । ତାଙ୍କ ସହ ଏବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ଅନେକ ବରିଷ୍ଠ ଅଫିସର ଇସ୍ତଫା ଦେବା ଆରମ୍ଭ କରିଛନ୍ତି । କେତେକଙ୍କ କାର୍ଯ୍ୟକାଳ ଅତିବେଶୀରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ସହ ସମାନ ଥିବାରୁ ସେମାନେ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ଭାବେ ଗତ ନଭେମ୍ବର ମାସରେ ନିଯୁକ୍ତି ପାଇଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର । ସେ ବୁଧବାର ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫାକୁ ସାଧାରଣ ପ୍ରଶାସନ ବିଭାଗ ଗ୍ରହଣ କରିନେଇଛି । ସେହିଭଳି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ଆର. ବାଲକ୍ରିଷ୍ଣନ୍ *(ପୃଷ୍ଠା ୭ରେ)*

ମୋଦି ୩.୦ ସରକାର: ସହଯୋଗୀଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ଦେବାକୁ ନାରାଜ ବିଜେପି !

ନୂଆଦିଲ୍ଲୀ, ୬।୬

ଏନଡିଏ ମେଣ୍ଟରେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଓ ନୀତୀଶ କୁମାରଙ୍କ ଜେଡିୟୁର ଗୁରୁତ୍ୱ ବଢ଼ି ଯାଇଛି । ବିଜେପିକୁ ଏକାକୀ ସରକାର ଗଠନ କରିବାକୁ ମ୍ୟାଜିକ ନମ୍ବର ମିଳି ନଥିବାରୁ ଏହି ଦୁଇ ଦଳର ଆବଶ୍ୟକତା ରହିଛି ।

ଏହାକୁ ଦୃଷ୍ଟିରେ ରଖି ଉଭୟ ଦଳ କେନ୍ଦ୍ର କ୍ୟାବିନେଟର ବଡ଼ବଡ଼ ମନ୍ତ୍ରଣାଳୟ ନେବାକୁ ଦାବି କରିଛନ୍ତି । କିନ୍ତୁ ବିଜେପି ଅତି ସହଜରେ ସେମାନଙ୍କ କଥାକୁ ଗ୍ରହଣ କରିବ ନାହିଁ । ପ୍ରତିରକ୍ଷା, ଅର୍ଥ, ସ୍ୱରାଷ୍ଟ୍ର ଓ ବୈଦେଶିକ ମନ୍ତ୍ରଣାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଦଳ ସହଯୋଗୀଙ୍କୁ ଦେବା ମୁଡରେ ନଥିବା ଜଣାପଡ଼ିଛି ।

ସୂତ୍ର ଅନୁସାରେ, ଟିଡିପି ପାଖରେ ୧୬ ଓ ଜେଡିୟୁ ପାଖରେ ୧୨ ଜଣ ସାଂସଦ ରହିଛି । ତେଣୁ ଉଭୟ ନିଜ ଇଚ୍ଛାରେ ମନ୍ତ୍ରୀ

ପଦ ନେବାକୁ ଲକ୍ଷ୍ୟ ରଖିଛନ୍ତି । ପ୍ରାରମ୍ଭିକ ଆଲୋଚନାରେ ସହଯୋଗୀ ଦଳଗୁଡ଼ିକ ୪ ଜଣ ସାଂସଦରେ ଗୋଟିଏ ମନ୍ତ୍ରୀ ପଦ ଚାହୁଁଥିବା ବିଜେପି ଆଗରେ ସର୍ତ୍ତ ରଖିଛନ୍ତି ।

ଏହି ଫର୍ମୁଲା ଅନୁସାରେ ଟିଡିପି ମୋଦି ୩.୦ ସରକାରରେ ୪ଟି ଓ ଜେଡିୟୁ ୩ଟି ମନ୍ତ୍ରୀ ପଦ ହାସଲ କରିବାକୁ ଚାହୁଁଛି । ଅତିରିକ୍ତ ଭାବେ ଏକନାଥ ସିନ୍ଦେଙ୍କ ଶିବସେନା ପାଖରେ ୭ ଜଣ ଓ ଚିରାଗ ପାଶ୍ୱାନଙ୍କ ପାଖରେ ୫ ଜଣ ସାଂସଦ ରହିଛନ୍ତି । ତେଣୁ ଉଭୟ ଗୋଟିଏ କ୍ୟାବିନେଟ ଓ ଗୋଟିଏ ରାଷ୍ଟ୍ରମନ୍ତ୍ରୀ ପଦ *(ପୃଷ୍ଠା ୭ରେ)*

ଏଥର ଇଭିଏମକୁ କେହି ଗାଳି ଦେଉନାହାନ୍ତି : ମୁଖ୍ୟ ନିର୍ବାଚନ କମିଶନର

ନୂଆଦିଲ୍ଲୀ, ୬।୬

ଲୋକସଭା ନିର୍ବାଚନ ଫଳାଫଳ ଏମିତି ଯେ ଏଥର ସମସ୍ତଙ୍କ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି ହୋଇଛି । କିନ୍ତୁ ନିର୍ବାଚନ ଆୟୋଗ ସବୁଠାରୁ ଖୁସି ଥିବା ଜଣାପଡିଛି । ମତଦାନ ସମୟରେ କମିଶନଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆସିଥିଲା । ଇଭିଏମ ଉପରକୁ ଆଙ୍ଗୁଠି ଉଠାଯାଇଥିଲା । କିନ୍ତୁ ଫଳାଫଳ ଆସିବା ପରଠାରୁ କୌଣସି ଦଳ ଏ ନେଇ ମୁହଁ ଖୋଲିନାହାନ୍ତି । କେହି ଇଭିଏମ କଥା କହୁନାହାନ୍ତି । ନିର୍ବାଚନ କମିଶନର ରାଜୀବ କୁମାର ମଧ୍ୟ ଏହି ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଇଭିଏମ ନିଜପ୍ରତି ଦୁର୍ବ୍ୟବହାରରେ ଅଭ୍ୟସ୍ତ ହୋଇଗଲାଣି, କିନ୍ତୁ ପ୍ରତ୍ୟେକ ସୁଖ ଦୁଃଖରେ ଏହା ନିରପେକ୍ଷ ରହିଥାଏ । ଏଣୁ ଏଥର ଇଭିଏମ ଖୁସି ଅଛି ।

ସୂଚନାଯୋଗ୍ୟ ଯେ ଗୁରୁବାର ନିର୍ବାଚନ ପାଇଁ ଲାଗୁ ମଡେଲ *(ପୃଷ୍ଠା ୭ରେ)*

ଏକାଳ ପଖାଳ

ଦିଲ୍ଲୀ ପଳାଇଲେ ବାବୁ କାଳେ
ଡୁବେଇ ଦେଇକି ଦଳ
ନେତା ଗୁଡାସବୁ ଏକାଲାଉ ମଞ୍ଜି
ବୁଲୁଥିଲେ ସବୁ ହଳ
ପଛରେ ସର୍କାରୀ କଳ
କର କରିବେ ଭାବିଭାବି ଏବେ
ହେଉଛନ୍ତି ଝାଳନାଳ ।

ତୃତୀୟଥର ପାଇଁ ମହାକାଶକୁ ଯାଇ ଇତିହାସ ରଚିଲେ ଭାରତୀୟ ବଂଶୋଦ୍ଭବ ସୁନୀତା ଉଲିୟମ୍ସ

ନୂଆଦିଲ୍ଲୀ, ୬।୬

ଭାରତୀୟ ବଂଶୋଦ୍ଭବ ସୁନୀତା ଉଲିୟମ୍ସ ପୁଣିଥରେ ମହାକାଶକୁ ଯାତ୍ରା କରି ଇତିହାସ ସୃଷ୍ଟି କରିଛନ୍ତି । ଆମେରିକୀୟ ମହାକାଶ ସଂସ୍ଥା 'ନାସା' ପକ୍ଷରୁ ଅନ୍ତରୀକ୍ଷ ଅଭିମୁଖେ ଉଡ଼ାଣ ଭରିଛନ୍ତି ସୁନୀତା । କୌଣସି ମହାକାଶ ଯାନର ପ୍ରଥମ ଅଭିଯାନରେ ମହାକାଶକୁ ଯାଇଥିବା ସେ ପ୍ରଥମ ମହିଳା ହୋଇଛନ୍ତି । ସେ ବୁଧବାର ୮ଟା ୨୨ରେ ଫ୍ଲୋରିଡାର କେପ କାନଭେରଲା ସ୍ପେସ ଫୋର୍ସ ଷ୍ଟେସନର ୪୧ ନଂ ଲଞ୍ଚପ୍ୟାଡାରୁ ବୋଇଂ ଷ୍ଟାରଲାଇନର ମହାକାଶଯାନରେ ମହାକାଶ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲେ । ଏହା ସୁନୀତାଙ୍କ ତୃତୀୟ ମହାକାଶ ଯାତ୍ରା । ତୃତୀୟ ପ୍ରୟାସରେ ଏହି ଯାନ ସଫଳ ହୋଇଛି । ପୂର୍ବରୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଭିଯାନକୁ ୨ ଥର ସ୍ଥଗିତ ରଖାଯାଇଥିଲା । ଏହା ସଠିକ କକ୍ଷରେ ପହଞ୍ଚି ଯାଇଛି । ଦିନକ ପରେ ଏହା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ) ସହ ଯୋଡ଼ି ହୋଇଯିବ । ଏବେ ଆମେରିକାର ୩ଟି ମହାକାଶ ଯାନ ବୋଇଂ ଷ୍ଟାରଲାଇନର, ସ୍ପେସ ଏକ୍ସର କ୍ରୁ ଡ୍ରାଗନ ଏବଂ ଆଇଏସଏସ ରହିଛି ।

୫୯ ବର୍ଷୀୟା ସୁନୀତାଙ୍କର ଏହା ତୃତୀୟ ମହାକାଶ ଯାତ୍ରା । ଏହା ପୂର୍ବରୁ ସେ ଦୁଇ ଥର ମହାକାଶକୁ ଯାତ୍ରା କରି ସାରିଛନ୍ତି । ସେ ୨୦୦୬ ଡିସେମ୍ବର ୯ରେ ଡିସକଭରୀ ମହାକାଶ *(ପୃଷ୍ଠା ୭ରେ)*

ସୁପ୍ରିମୋଙ୍କୁ ଭେଟିଲେ ପରାଜିତ ନେତା

ଭୁବନେଶ୍ୱର, ୬।୬ : ନ୍ୟୁଜ୍ ବ୍ୟୁରୋ

୨୦୨୪ ସାଧାରଣ ନିର୍ବାଚନରେ ପରାଜୟ ବରଣ କରିଥିବା ବିଜେଡ଼ିର ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ଗୁରୁବାର ସନ୍ଧ୍ୟାରେ ନବୀନ ନିବାସ ଠାରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି । ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା ବିକ୍ରମ କେଶରୀ ଆରୁଖ, ଆଶୋକଚନ୍ଦ୍ର ପଣ୍ଡା, ପ୍ରତିରଞ୍ଜନ ଘଡାଇ ପ୍ରଫୁଲ୍ଲ ସାମଲଙ୍କ ସମେତ ଅଧିକାଂଶ ପରାଜିତ ପ୍ରାର୍ଥୀ ଦଳର ସଭାପତିଙ୍କୁ ଭେଟିଥିଲେ ।

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୭ ଜୁନ୍, ଶୁକ୍ରବାର, ୨୦୨୪

ଟାଟା ପାୱାର ସ୍ମାର୍ଟ ମିଟର ଲଗାଣ ପ୍ରତିବାଦରେ ଗଣଧାରଣ ଓ ଦାବିପତ୍ର ପ୍ରଦାନ

ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ

ଟାଟା ପାୱାର ଲଗାଉଥିବା ସ୍ମାର୍ଟ ମିଟରକୁ ବିରୋଧ କରି ବଲାଙ୍ଗିର ନାଗରିକ କମିଟି ସ୍ଥାନୀୟ ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ଘ.୯ ରୁ ଘ.୧୧ ପର୍ଯ୍ୟନ୍ତ ଗଣଧାରଣା ଦେଇଥିଲା। ପ୍ରଥମେ ଅନୁପ କୁମାର ସିଂହ ଯିଏ କି ବିଦ୍ୟୁତ ବିଭାଗରେ ଅସ୍ଥାୟୀ ଲାଇନମ୍ୟାନ୍ ଥିଲେ। ସେ କାର୍ଯ୍ୟରତ ଥିବା ସମୟରେ ବିଦ୍ୟୁତ ଖୁଣ୍ଟରେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି। ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଉପସ୍ଥିତ ସମସ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ନାଗରିକ କମିଟି ସାଧାରଣ ସଂପାଦକ ମଧୁସୂଦନ ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଏହି ଧାରଣା ଦେବା ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ। ସଭାପତି ଡ. ଶ୍ରୀକର ମିଶ୍ର ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ରଖିଥିଲେ। ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦିଆଯାଉଥିବା ଦାବିପତ୍ରରେ ଉଲ୍ଲିଖିତ ତିନୋଟି ବିଷୟ ଉପରେ ଡ. ମିଶ୍ର ବିଶେଷ ଗୁରୁତ୍ୱ ଆରୋପ କରିଥିଲେ। ପରେ ପରେ ବିଦ୍ୟୁତ ବିଭାଗର ପରିଚାଳନା ଗତ ତ୍ରୁଟି ଓ ଦୁର୍ବଳ ସେବା ପ୍ରଦାନ ସମ୍ପର୍କରେ ନାଗରିକ କମିଟିର ସଦସ୍ୟମାନେ ନିଜସ୍ୱ ମତ ପୋଷଣ କରିଥିଲେ। ବିଦ୍ୟୁତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନାଗରିକ କମିଟି ଦ୍ୱାରା ପ୍ରସ୍ତୁତ ତିନି ଦଫା ସମ୍ମଳିତ ଦାବିପତ୍ର ଗ୍ରହଣ କରିଥିଲେ। ପ୍ରଥମ ଦାବି ଥିଲା ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯାଇ ଲୋ ଭୋଲଟେଜ୍ ଓ ପାୱାର କଟ୍ ବନ୍ଦ ହେଉ। ଦ୍ୱିତୀୟରେ ବିଦ୍ୟୁତ ତାର ଦ୍ୱାହି ଦେଇ ଅନାବଶ୍ୟକ ବୃକ୍ଷ କର୍ତ୍ତନ ବନ୍ଦ କରାଯାଉ। ତୃତୀୟରେ ସ୍ମାର୍ଟ ମିଟର ଶୋଷଣର ପ୍ରତୀକ ହୋଇଥିବାରୁ ତାହାକୁ ଲଗାଇବା ବନ୍ଦ କରାଯାଉ। ଅଧିକ୍ଷଣ ଯନ୍ତ୍ରୀ ଏହା ଉପରେ ଉତ୍ତର ରଖିଥିଲେ ମଧ୍ୟ ତାହା ସନ୍ତୋଷଜନକ ପ୍ରତୀୟମାନ ହୋଇନଥିଲା। ନାଗରିକ କମିଟି ଦାବି କଲା ଯେ ପ୍ରଥମେ ଟାଟା ପାୱାର ସ୍ମାର୍ଟ ସେବା ଯୋଗାଉ ଯେପରି କି ଲୋ ଭୋଲଟେଜ୍, ଅଧିକ ସମୟ ପାୱାର ଫେଲ୍, ପାୱାର କଟ୍ ଓ ଅଧିକ ବିଲିଂ ଜନିତ ସମସ୍ୟା ରହିବ ନାହିଁ। ତା'ପରେ ସ୍ମାର୍ଟ ମିଟର କଥା ଉଠାଇବ। ଉପଯୁକ୍ତ ପରିଚାଳନା ଓ ଉତ୍ତମ ସେବା ଯୋଗାଇ ନ ପାରିଲେ ବଲାଙ୍ଗିର ଛାଡୁ। ଦିଆଯାଇଥିବା ଦାବିମାନଙ୍କ ଉପରେ ବିହିତ ତଥା ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାନଗଲେ ପରବର୍ତ୍ତୀ ସମୟରେ ସମସ୍ତ ବର୍ଗର ଜନସାଧାରଣଙ୍କୁ ସାମିଲ କରି ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ବଲାଙ୍ଗିର ନାଗରିକ କମିଟି ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ଗୌର ଚନ୍ଦ୍ର ପୁରୋହିତ, ଶରତ ଚନ୍ଦ୍ର ମହାକୁର, ବିରଞ୍ଚି ବହିଦାର, ଗୋପବନ୍ଧୁ ପୁରୋହିତ, ନିତ୍ୟାନନ୍ଦ ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଲ, ରତୁରାଜ ସିଂ, ଡ. ପ୍ରମୋଦ କୁମାର ମିଶ୍ର, ଆଇନଜୀବୀ ଅଶୋକ କୁମାର ମିଶ୍ରଙ୍କ ସମେତ ଶହ ସଂଖ୍ୟାରେ ସଭ୍ୟବୃନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତସ୍ତରୀୟ ପ୍ରଶିକ୍ଷଣ ବର୍ଗ ଆରମ୍ଭ

କଟକ/ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବର ସଂଘଶିକ୍ଷା ବର୍ଗ (ସାମାନ୍ୟ) ୧୫ ଦିବସୀୟ ପ୍ରଶିକ୍ଷଣ ବର୍ଗ କଟକ ଗଡିରାଉତ ପାଟଣା ସ୍ଥିତ ଶିଶୁବିଦ୍ୟାମନ୍ଦିର ପରିସରରେ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ବର୍ଗରେ ଓଡ଼ିଶାର ୧୯ଟି ଜିଲ୍ଲା ଓ ୨ଟି ମହାନଗରରୁ ୨୫୯ ପ୍ରଶିକ୍ଷାର୍ଥୀ ଭାଗ ନେଇଛନ୍ତି। ବର୍ଗର ସର୍ବାଧିକାରୀ ଭାବେ ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମନୋରଞ୍ଜନ ସାହୁ, ବର୍ଗକାର୍ଯ୍ୟବାହ ରବି ନାରାୟଣ ପଣ୍ଡା, ବର୍ଗପାଳକ ଅସିତ କୁମାର ସାହୁ, ମୁଖ୍ୟଶିକ୍ଷକ ହିମାଶୁ ରାଉତ ଏବଂ ପ୍ରଦୀପ ସାମନ୍ତ ବୌଦ୍ଧିକ ପ୍ରମୁଖ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ବର୍ଗର ଉଦ୍‌ଘାଟନ ଉତ୍ସବରେ ସଂଘର ପ୍ରାନ୍ତ କାର୍ଯ୍ୟବାହ ଡ. ଅନୀଲ କୁମାର ମିଶ୍ର ଅତିଥି ପରିଚୟ ଓ ଆବଶ୍ୟକୀୟ ଅନୁଶାସନ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବରେ ସହପ୍ରାନ୍ତ ସଂଘଚାଳକ ମନସୁଖଲାଲ ସେଠିଆ ଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ବର୍ଗର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରିଥିଲେ। ସେ କହିଥିଲେ ଯେ, ଉତ୍କୃଷ୍ଟ ଚିନ୍ତନକୁ କ୍ରିୟାନ୍ୱୟନ କରିବା ପାଇଁ ଯେଉଁ ଦେଶଭକ୍ତ ମାନଙ୍କର ଆବଶ୍ୟକତା ଅଛି ତାକୁ ସମାଜରେ ଠିଆକରାଇବାର ସଂକଳ୍ପ ନେଇ ଡକ୍ଟରଜୀ ୧୯୨୫ ମସିହରେ ସଂଘ ପ୍ରତିଷ୍ଠା କରିଥିଲେ। ସେହି ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ପ୍ରଶିକ୍ଷିତ କାର୍ଯ୍ୟକର୍ତ୍ତା ଆବଶ୍ୟକ। ଏ ଦୃଷ୍ଟିରୁ ପ୍ରଶିକ୍ଷଣ ବର୍ଗର ଗୁରୁତ୍ୱ ରହିଛି। ଶାରୀରିକ ପ୍ରଶିକ୍ଷଣ ସହିତ ବୌଦ୍ଧିକର ସମସ୍ତ ବିଭାଗରେ ଭାଗ ନେଇ ନିଜକୁ ଜଣେ ଉତ୍ତମ କାର୍ଯ୍ୟକର୍ତ୍ତା ରୂପେ ଗଢ଼ିତୋଳିବାକୁ ସେ ପରାମର୍ଶ ଦେଇଥିଲେ। ଦେଶର ଇତିହାସ, ସଂସ୍କୃତି, ପରମ୍ପରା ଇତ୍ୟାଦି ବିଷୟରେ ଜ୍ଞାନ ଆହରଣ ପାଇଁ ପ୍ରଶିକ୍ଷଣ ବର୍ଗରେ ସୁଯୋଗ ମିଳିଥାଏ। ସାମୂହିକ ଭାବେ ରହିବା, ସମସ୍ତଙ୍କ ପ୍ରତି ପ୍ରେମପୂର୍ଣ୍ଣ ବ୍ୟବହାର କରିବା ଏବଂ ପ୍ରଶିକ୍ଷଣ ବର୍ଗରୁ ଆନନ୍ଦ ପ୍ରାପ୍ତ ନିମନ୍ତେ ସେ ଆଗ୍ରହ କରିଥିଲେ। ବର୍ଗର ସଂଚାଳନ ଦୃଷ୍ଟିରୁ ଅନ୍ୟମାନଙ୍କ ମଧ୍ୟରେ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା, ସେବା ପ୍ରମୁଖ ଖଗେଶ୍ୱର ମହନ୍ତ ଓ ବ୍ୟବସ୍ଥା ପ୍ରମୁଖ ଶରତ ଚନ୍ଦ୍ର ସେନ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସହପ୍ରାନ୍ତ କାର୍ଯ୍ୟବାହ ଇଂ ସୁଦର୍ଶନ ଦାସ, ପ୍ରାନ୍ତ ସମ୍ପର୍କ ପ୍ରମୁଖ ଆଇନଜୀବୀ ସର୍ବେଶ୍ୱର ବେହେରା ଓ ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ ଉପସ୍ଥିତ ଥିଲେ। ଏହି ବର୍ଗର ସମାରୋପ କାର୍ଯ୍ୟକ୍ରମ ଚଳିତ ମାସ ୧୭ ତାରିଖ ରବିବାର ଦିନ ଅପରାହ୍ନ ୪ ଘଟିକା ସମୟରେ ଅନୁଷ୍ଠିତ ହେବ। ଉକ୍ତ ଭବ୍ୟ କାର୍ଯ୍ୟକ୍ରମରେ ଶାରୀରିକ ଓ ଘୋଷ ପ୍ରଦର୍ଶନ ସହିତ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହେବ।

ମରଣାନ୍ତକ ଆକ୍ରମଣ ମାମଲାରେ ମୁଖ୍ୟ ଅଭିଯୁକ୍ତକୁ ୩ ବର୍ଷ ଜେଲ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ସାମାନ୍ୟ କଳି ଝଗଡାକୁ କେନ୍ଦ୍ର କରି ୨ଜଣ ସହଯୋଗୀଙ୍କ ସହାୟତାରେ ଏକ କଟୁରୀରେ ମାରଣାନ୍ତକ ଆକ୍ରମଣ କରିବା ମାମଲାର ବିଚାର କରି ଚମ୍ପୁଆ ଏସଡିଜେଏମ ଆସାମୀକୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ତାର ଦୁଇ ସହଯୋଗୀକୁ ଏକ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହିତ ମୁଖ୍ୟ ଅଭିଯୁକ୍ତକୁ ୩ ହଜାର ଓ ସମର୍ଥକକୁ ଏକ ହଜାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଝୁମ୍ପୁରା ଥାନା ଅନ୍ତର୍ଗତ ବାରଖଣ୍ଡିଆ ଗ୍ରାମର ଟୁନି ବେଣ୍ଟକାର ସହିତ ସେହି ଗ୍ରାମର ମମତା ନାଏକ ଓ ସୁରେନ୍ଦ୍ର ନାଏକଙ୍କ ଝଗଡ଼ା ହୋଇଥିଲା। ସାଧାରଣ କଥାକୁ ନେଇ ହୋଇଥିବା କଳି ଝଗଡାରେ ଉତ୍କ୍ଷିପ୍ତ ହୋଇ ୨ଜଣ ସହଯୋଗୀଙ୍କ ସହାୟତାରେ ଏକ ଧାରୁଆ କଟୁରୀରେ ଆକ୍ରମଣ କରିଥିଲା ଟୁନି ବେଣ୍ଟକାର, ଯାହାକୁ ନେଇ ମମତା ନାଏକ ଓ ସୁରେନ୍ଦ୍ର ନାଏକ ଝୁମ୍ପୁରା ଥାନାର ଦ୍ୱାରସ୍ଥ ହୋଇ ଥିଲେ। ଅଭିଯୋଗ ପାଇ ଝୁମ୍ପୁରା ପୋଲିସ କେଶ ନଂ ୨୩/୦୨-୧୮/୦୩/୧୮ ଦଫା ୩୪୧, ୩୨୪, ୨୯୪, ୩୪ ଅନୁଯାୟୀ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ଘଟଣାରେ ୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଚମ୍ପୁଆ ଏସଡିଜେଏମ ଦୀପକ କୁମାର ସାଥୁଆ ଅଭଯୁକ୍ତ ଟୁନି ବେଣ୍ଟକାରକୁ ୩ ବର୍ଷ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିବା ସହିତ ଆସାମୀଙ୍କ ଦୁଇଜଣ ସହଯୋଗୀଙ୍କୁ ୧ ବର୍ଷ କାରାଦଣ୍ଡ ସହିତ ୧ ହଜାର ଟଙ୍କା ଅର୍ଥ ଦଣ୍ଡାଦେଶ କରିଛନ୍ତି। ଅନାଦେୟ ମୁଖ୍ୟ ଆସାମୀଙ୍କୁ ଅଧିକ ୩ ମାସ ଓ ସହଯୋଗୀ ୨ ଜଣଙ୍କୁ ଅଧିକ ୧ ମାସ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି।

ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ

ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ କଦମପାଳ ପଞ୍ଚାୟତସ୍ଥ କଦମପାଳ ଗ୍ରାମରେ ଶ୍ରୀଶ୍ରୀ ଶ୍ରଶମସୁନ୍ଦରାୟ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ରିତିକାନ୍ତି ଅନୁଯାୟୀ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୱାନ ପଣ୍ଡିତ ବାସୁଦେବ ମିଶ୍ର ଓ ଘନଶ୍ୟାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାକର୍ମ ଆରମ୍ଭ ହୋଇଥିଲା। ମୁଖ୍ୟ କର୍ତ୍ତାଭାବେ ସୁରତ ଜେନା ଓ ତୁଳସୀ ଜେନା ଉପସ୍ଥିତ ରହି ଯଜ୍ଞକର୍ମରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସ୍ଥାନୀୟ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

ଅବସର ଗ୍ରହଣ ଦିନରେ ଶିକ୍ଷା ବିଭାଗର ପେନସନ ପ୍ରଦାନ

ସୋନପୁର, ନ୍ୟୁଜ୍‌ବ୍ୟୁରୋ

ସୋନପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ୫ ଜଣ ଶିକ୍ଷକ ଓ କର୍ମଚାରୀ ସେମାନଙ୍କର ସରକାରୀ ଚାକିରିରୁ ଅବସର ନେଇଛନ୍ତି। ସୋନପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ ସର୍ବମୋଟ ୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ଅବସର ଦିନ ହିଁ ଫାଇନାଲ୍ ପେନ୍‌ସନ୍ ଓ ବାକି ଦୁଇ ଜଣଙ୍କୁ ପ୍ରୋଭିଜନାଲ୍ ପେନ୍‌ସନ୍ ପ୍ରଦାନ କରାଯାଇଛି। ଯେଉଁ ତିନି ଜଣଙ୍କୁ ଫାଇନାଲ ପେନ୍‌ସନ୍ ପ୍ରଦାନ କରାଗଲା ସେମାନେ ହେଲେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଡ଼କରଲେର ସହକାରୀ ଶିକ୍ଷକ ପ୍ରମୋଦ କୁମାର ପଧାନ, ଆଦିବାସୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସହଲାର କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରିୟ ବୁଢ଼େକ ଓ କମସରା ଉଚ୍ଚ ବିଦ୍ୟାଳୟ କମସରାର ପିଅନ୍ ପଞ୍ଚାନନ ସାମନ୍ତରାୟ। ସେହିପରି ଯେଉଁ ଦୁଇ ଜଣଙ୍କୁ ପ୍ରୋଭିଜନାଲ୍ ପେନ୍‌ସନ୍ ପ୍ରଦାନ କରାଯାଇଛି। ସେମାନେ ହେଲେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ତରଭାର ପ୍ରଧାନ ଶିକ୍ଷକ ଅଶୋକ କୁମାର ରଥ ଓ ଗୋପାଳଜୀ ଉଚ୍ଚ ବିଦ୍ୟାଳୟ ସିଲାଟିର ଖେଳ ଶିକ୍ଷକ ଶେଷଦେବ ହୋତା। ଏହି ଉପଲକ୍ଷେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସୋନପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସମସ୍ତ ପ୍ରାପ୍ୟ ସମ୍ବନ୍ଧୀୟ କାଗଜ ପତ୍ର ସମସ୍ତ ୫ ଜଣ ଶିକ୍ଷକ ଓ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଉପରୋକ୍ତ କର୍ମଚାରୀମାନଙ୍କୁ ସଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇ ଥିବାରୁ ସୋନପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ କନ୍ ଟ୍ରୋଲର୍ ଅଫ ଆକାଉଣ୍ଟ ଅଶୋକ କୁମାର ମହାନ୍ତି ଓ ଆସିଷ୍ଟାଣ୍ଟ କଣ୍ଟ୍ରୋଲର୍ ଅଫ ଆକାଉଣ୍ଟ ପଦାରବିନ୍ଦ ମହାପାତ୍ରଙ୍କୁ ସାଧୁବାଦ ଜଣାଯାଇଛି। ସୋନପୁର ଶିକ୍ଷା କାର୍ଯ୍ୟାଳୟର ଏହି କାର୍ଯ୍ୟକୁ ଜିଲ୍ଲାର ବୁଦ୍ଧିଜୀବୀ ମହଳରେ ଉଚ୍ଚ ପ୍ରଶଂସା କରାଯାଉଛି।

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ସିନିଅର ସିଭିଲ ଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପିଏଲଭି ସଭ୍ୟ ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧକ୍ଷତାରେ ଓ ବରିଷ୍ଠ ଆଇନୀଜୀବୀ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ପଟ୍ଟାମୁଣ୍ଡାଇ ମାଟିଆ ଉନ୍ନୀତ ଉ.ପ୍ରା.ବିଦ୍ୟାଳୟରେ ଆଜି ଦିନ ୧୦ଟା ସମୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର କୋଷାଧକ୍ଷ ବରିଷ୍ଠ ଆଇନୀଜୀବୀ ଧୀରେନ୍ଦ୍ରନାଥ ସାହୁ ମାଇଗ୍ରେଟ ଶ୍ରମିକଙ୍କ ପାଇଁ କେଉଁ କେଉଁ ଆଇନ ଅଛି ଓ ସେମାନଙ୍କୁ କିପରି ସହଜରେ ତାଲୁକ ଆଇନ ସେବା ସମିତି ସାହାଯ୍ୟ କରିପାରୁଛି ଏବଂ ଅନ୍ୟ ତଥ୍ୟ ଗୁଡିକ ବିଷୟରେ ଆଲୋଚନା କରି ଶିଶୁମାନଙ୍କ ଠାରୁ ସମାଜର ସମସ୍ତ ବର୍ଗର ଲୋକଙ୍କର ପାରିବାରିକ, ଜମିଜମା, ଆଇନଗତ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ ଓ ତାର ସମାଧାନ କିପରି ତାଲୁକ ଆଇନ ସେବା ସମିତି ସହଜରେ ଶୀଘ୍ର ଏବଂ ମାଗଣାରେ କରିପାରୁଛି ତାହା ବର୍ଣ୍ଣନା କରିଥିଲେ ଓ ସମାଜର ପରିବେଶ କିପରି ଦୂଷିତ ହେଉଅଛି ଓ ଗୋଟିଏ ସବୁଜ ଗଛ ଆମ୍ଭ ମାନଙ୍କୁ ଖାଦ୍ୟ, ବସ୍ତ୍ର, ଅମ୍ଳଜାନ, ଜଳୀୟ ବାଷ୍ପ ଓ ପୃଥିବୀ ପୃଷ୍ଠରେ ମିଳୁଥିବା ସମସ୍ତ ଶକ୍ତି କିପରି ଦେଉଛି ତାହା ତନ୍ନତନ୍ନ କରି ବୁଝାଇଥିଲେ। ଏବଂ ପ୍ରତ୍ୟେକଙ୍କୁ ଅତିକମ୍‌ରେ ୧୦ଟି ଲେଖାଏଁ ଗଛ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଆଇନୀଜୀବୀ ଭବାନୀ ଶଙ୍କର ପଣ୍ଡା, ଜିତେନ୍ଦ୍ର କୁମାର ନନ୍ଦୀ, ପିଏଲଭି ସଭ୍ୟ ଧବଳେଶ୍ୱର ଖଣ୍ଡାଇ ଓ ମାଟିଆ ଗାଁର ପୁରୁଷ ଓ ମହିଳାମାନେ, ବିଦ୍ୟାଳୟ କମିଟିର ସଭାପତି ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପ୍ରଧାନ ଶିକ୍ଷକ ଗୋଲେଖ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରି ସଭାଟିକୁ ସାଙ୍ଗ କରିଥିଲେ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ

ଶନିଦେବଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ

ଏହି ଜିଲାର ବନ୍ତ ବ୍ଲକ ନିଲୋକ ପଞ୍ଚାୟତ ଘରପଦାସ୍ଥିତ ଶ୍ରୀ ଶ୍ରୀ ଶନିଦେବ ମନ୍ଦିରର ୭ମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅଧିବାସ, ଅଙ୍କୁରାରୋପଣ, ଜଳଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଧନି ସା ପୁଷ୍କରିଣୀରୁ ୫୪ଟି କଳସ ଅଣାଯାଇ ଘଟସ୍ଥାପନା ପୂର୍ବକ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। କୈଳାସ ଚନ୍ଦ୍ର ଚଢେଇ, ଉର୍ମିଳା ଚଢେଇ, ନିହାର ରଞ୍ଜନ ଚଢେଇ ମୁଖ୍ୟ କଳସ ଧାରଣ କରିଥିବା ବେଳେ ଗ୍ରାମବାସୀମାନେ ପାର୍ଶ୍ୱ କଳସ ଧାରଣ କରିଥିଲେ। ମଙ୍ଗଳବାର ଯଜ୍ଞାରମ୍ଭ, ଗ୍ରହ ଉପଚାର ପୂଜା, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବସନ୍ତ କୁମାର ମିଶ୍ର ପୂଜା କାର୍ଯ୍ୟ ଓ ଶାନ୍ତନୁ କୁମାର ପଣ୍ଡା, ଦୀଲିପ କୁମାର ଦାଶ, କମଳାକାନ୍ତ ପାଢୀ, ଦୀପ୍ତିକାନ୍ତ ଉପାଧ୍ୟାୟ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ମାନସୀ ପାତ୍ର ଓ ସାଥୀଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

ଭାଙ୍ଗିଗଲା ଘର ଛାତ

ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ

କାଳ ବୈଶାଖୀ ହେଲା କାଳ ଭାଙ୍ଗିଗଲା ଘରଛାତ, ସହଯୋଗ ଅପେକ୍ଷାରେ ବିଧବା ମା' ହିରାମଣି କଚିମ୍ ଓ ଝିଅ ସବିତା। ମାଲକାନଗିରି ଜିଲ୍ଲା ସଦରମହକୁମା ୱାର୍ଡ ନଂ ୧୮ ରେ ରହନ୍ତି ବିଧବା ମା' ହିରାମଣି କଚିମ୍ ଓ ଝିଅ ସବିତା (୨୪)। ଅପରାହ୍ନ ୩ଟା ସମୟରେ କାଳବୈଶାଖୀରେ ହିରାମଣୀଙ୍କ ଘରର ଶୋଇବା ଘରର ୨ଟି ଟିଣ ଉଡ଼ିଯାଇଛି। ଘରର ସମସ୍ତ ଆସବାସପତ୍ର ବର୍ଷା ପାଣିରେ ଭିଜି ଯାଇଥିବା ସହ ଘରର ଅନ୍ୟ ବଖରାକୁ ପାଣି ପଶିଯାଇଥିଲା। ବର୍ଷାରେ ବିଧବା ମା' ସହ ରାତ୍ରି କିପରି କାଟିବ ଚିନ୍ତାରେ ପରିବାର। ୱାର୍ଡ ମେମ୍ବର ରୁବିନା ଅନ୍ତିଆ ମଧ୍ୟ ଆସି ସମସ୍ତ ଅବ୍ୟବସ୍ଥା ଦେଖି ପ୍ରଶାସନକୁ ସବିଶେଷ ବିବରଣୀ ଜଣାଇଛନ୍ତି।

ଭୂମିର ଅବକ୍ଷୟକୁ ସୀମିତ ରଖିବାପାଇଁ ସାମୁହିକ ପଦକ୍ଷେପ ନିମନ୍ତେ ଆହ୍ୱାନ

**ଜଗତସିଂହପ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ଜୁନ୍ ୨୦୨୪ ଶୁକ୍ରବାର

କେନ୍ଦ୍ରାପଡାରେ ବୈଜୟନ୍ତଙ୍କ ବିଶାଳ ବିଜୟ ଶୋଭାଯାତ୍ରା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଚଳିତ ନିର୍ବାଚନରେ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଭାବେ ବୈଜୟନ୍ତ ପଣ୍ଡା ବିଜେପିର ପ୍ରାର୍ଥୀ ହୋଇ ପ୍ରାୟ ୬୬ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇ ଏକ ଇତିହାସ ସୃଷ୍ଟି କରିଛନ୍ତି । ରାଷ୍ଟ୍ରୀୟ ଉପାଧ୍ୟକ୍ଷ କେନ୍ଦ୍ରାପଡାର ପୂର୍ବତନ ସାଂସଦ ତଥା ବର୍ତ୍ତମାନର ବିଜୟୀ ସାଂସଦ ଶ୍ରୀ ପଣ୍ଡାଙ୍କର ଦୁହୁରିଆ ସ୍ଥିତ ପାର୍ଟି କାର୍ଯ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଛି । ଏହି ଶୋଭାଯାତ୍ରାରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବୈଦ୍ୟନାଥ ଚାଟାର୍ଜୀ, ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ, ଜିଲ୍ଲା ମହିଳା ପ୍ରଭାରୀ ଡଃ ଜ୍ୟୋତ୍ସ୍ନାରାଣୀ ଜେନା, ସୁନାକର ବେହେରା, ଗଗନ ବିହାରୀ ସାହୁ, ମିଡିଆ ସେଲ୍ ପ୍ରମୁଖ ନେହେରୁ କୁମାର ସାହୁ, ରାଜ୍ୟ ଆଇଟି ସେଲର ମୁଖ୍ୟ ରାଜଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ଶୋଭାଯାତ୍ରାଟି ସହର ପରିକ୍ରମା କଲାବେଳେ ଦୁହୁରିଆ, କଲେଜ ଛକ, ତିନିମୁହାଣୀ, କଜଳା, ମହିପାଳ, ନୂଆ ବସ୍‌ଷ୍ଟାଣ୍ଡ, କାକଟ, ବଡହାଟ, ପୁରୁଣା ବସ୍‌ଷ୍ଟାଣ୍ଡ, ମଡିଆଳ, ସାନ୍ତସାହି, ସାନମଙ୍ଗଳା, ବଡ ମଙ୍ଗଳା, ଇଛାପୁର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କୁ ଦର୍ଶନ ପରେ ତାଙ୍କ ସାଙ୍ଗରେ ଯାଇଥିବା ଓ ସେଠାରେ ଉପସ୍ଥିତ ଥିବା ହଜାର ହଜାର ସମର୍ଥକ ଓ ମତଦାତା ମାନଙ୍କୁ କୃତଜ୍ଞତା ଜଣାଇବା ସହ ଏ ବିଜୟ ମୋର ନୁହେଁ ଆପଣ ମାନଙ୍କର ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୃସିଂହ ପତ୍ରୀ, ମନିନ୍ଦ୍ର ରାଉତ, ସୁଚୀସ୍ମିତା ବସନ୍ତିଆ, ଝିଲ୍ଲୀ ଦାସ, କଳ୍ପନା ମଲିକ, ପ୍ରମିଳା ସିଂହ, ସୁଜାତା ନାୟକ, ଚାମେଲି ଓଝା, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ମୟୁରଭଞ୍ଜ ଲୋକସଭା କ୍ଷେତ୍ରରେ ବିଜେପିର ବାଜିମାତ୍

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବିଜେପି ପ୍ରାର୍ଥୀ ନବ ଚରଣ ମାଝୀ ୫୮୪୪୦୬ଟି ଭୋଟ ପାଇ ବିଜେଡି ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କ ଠାରୁ ୨୧୮୮୫୨ରୁ ଅଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି । ସେହିପରି ବାରିପଦା ବିଧାନ ସଭା ଆସନରେ ବିଜେପି ପ୍ରାର୍ଥୀ ପ୍ରକାଶ ସୋରେନ ୭୬୭୯୧ଟି ଭୋଟ ପାଇ ବିଜେଡି ପ୍ରାର୍ଥୀ ସାନନ୍ଦ ମାରାଣ୍ଡିଙ୍କ ଠାରୁ ୨୮୭୩୭ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି । ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ସଞ୍ଜଳି ମୁର୍ମୁ ୮୭୨୮୭ଟି ଭୋଟ ପାଇ ବିଜେଡି ପ୍ରାର୍ଥୀ ରଂଜିତା ମାରାଣ୍ଡିଙ୍କ ଠାରୁ ୩୪୨୧୬ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି । ମୋରଡା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର ୭୭୯୮୦ଟି ଭୋଟ ପାଇ ବିଜେଡି ପ୍ରାର୍ଥୀ ପ୍ରୀତିନନ୍ଦା କାନୁନ ଗୋଙ୍କ ଠାରୁ ୩୩୧୯୮ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ସାରସକଣା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଭାଦବ ହାଁସଦା ୫୯୩୮୭ଟି ଭୋଟ ପାଇ ବିଜେଡି ପ୍ରାର୍ଥୀ ଡା. ଦେବାଶିଷ ମାରାଣ୍ଡିଙ୍କ ଠାରୁ ୧୩୬୫୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ସନାତନ ବିଜୁଳି ୮୨୭୭୯ଟି ଭୋଟ ପାଇ ବିଜେଡି ପ୍ରାର୍ଥୀ ଅନୁଷୟା ପାତ୍ରଙ୍କ ଠାରୁ ୩୭୦୭୫ ଭୋଟରେ ବିଜୟ ଲାଭ କରିଛନ୍ତି । ଉଦଳା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଭାସ୍କର ମଢେଇ ୬୫୫୦୩ଟି ଭୋଟ ପାଇ ବିଜେଡି ଶ୍ରୀନାଥ ସୋରେନଙ୍କ ଠାରୁ ୬୦୭୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଜଲେନ ନାଏକ ୬୨୭୨୪ଟି ଭୋଟ ପାଇ ବିଜେଡି ପ୍ରାର୍ଥୀ ରାଇସେନ ମୁର୍ମୁଙ୍କ ଠାରୁ ୭୬୯୩ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଯଶିପୁର ନିର୍ବାଚନ ମଣ୍ଡଳୀରେ ବିଜେପିର ଗଣେଶ ରାମ ସିଂ ଖୁଣ୍ଟିଆ ୮୫୩୮୪ଟି ଭୋଟ ପାଇ ବିଜେଡି ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କ ଠାରୁ ୩୪୬୬୭ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି । କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ବିଜେପିର ପଦ୍ମ ଚରଣ ହାଇବୁ ୬୫୩୫୭ ଟି ଭୋଟ ପାଇ ବିଜେଡିର ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମଙ୍କ ଠାରୁ ୨୯୪୯୯ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି । ତେବେ ଏଥର ମୟୁରଭଞ୍ଜ ଜିଲ୍ଲାରେ ବିଜେପି କ୍ଲିନ ସୁଇପ କରିଥିବାର ଜଣାଯାଇଛି ।

ଶୃଙ୍ଖଳିତ ନିର୍ବାଚନ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଧନ୍ୟବାଦ ଅର୍ପଣ

ପୁରୀ, ନ୍ୟୁଜ୍ ବ୍ୟୁରୋ

୨୦୨୪ ମସିହାର ସାଧାରଣ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବାରୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଜିଲ୍ଲା ଏସ୍‌ପି ପିନାକ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଭାରତର ନିର୍ବାଚନ କମିଶନଙ୍କ ନିର୍ବାଚନ ଘୋଷଣା ପରଠାରୁ ମତ ଗଣନା ସରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ରହିଥିଲା । ତେବେ ପୁରୀ ପରି ଏକ ପ୍ରାଚୀନ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ଭାଇଚାରାର ଜିଲ୍ଲାର ଅଧିବାସୀ ମାନେ ଏହି ନିର୍ବାଚନରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି । ଏପରିକି ମତଦାନ ମଧ୍ୟ ବେଶ୍ ଉତ୍ସାହଜନକ ରହିଥିଲା । ଗଣତନ୍ତ୍ରର ଏହି ମହାପର୍ବରେ ସାଧାରଣ ଜନତା, ମତଦାତା, କାର୍ଯ୍ୟକୁ ତଦାରଖ କରିଥିବା ପର୍ଯ୍ୟବେକ୍ଷକ ଗଣ, ଗଣମାଧ୍ୟମ ପ୍ରତିନିଧିମାନେ, ନିର୍ବାଚନକୁ ପରିଚାଳନା କରିଥିବା ଜିଲ୍ଲାର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସମସ୍ତ ରାଜନୈତିକ ଦଳର ନେତୃ ମଣ୍ଡଳୀ ଓ ସେମାନଙ୍କ ପ୍ରତିନିଧିମାନଙ୍କୁ ସହଯୋଗ ପାଇଁ ଜିଲ୍ଲାପାଳ ଓ ଏସ୍‌ପି ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଏରସମା-ବାଲିକୁଦାରେ ବିଜେଡିରୁ ସାରଦା ପ୍ରସନ୍ନ ଜେନା ବିଜୟୀ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲାରେ ୪ ବିଧାନସଭା କ୍ଷେତ୍ରରୁ ୨/୨ ବିଜେଡି ଓ ବିଜେପି ବାଜିମାତ କରିଛନ୍ତି । ଏରସମା-ବାଲିକୁଦା ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ସାରଦା ପ୍ରସନ୍ନ ଜେନା, ବିଜେପିରୁ ସତ୍ୟ ସାରଥୀ ମହାନ୍ତି, କଂଗ୍ରେସରୁ ନଳିନୀ କୁମାର ସ୍ୱାଇଁ ଓ ସ୍ୱାଧୀନପ୍ରାର୍ଥୀ ଭାବେ ସଂଜୀବ ବିଶ୍ୱାଳ ପ୍ରତିଦ୍ୱନ୍ଦ୍ୱୀ କରୁଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ଲଢେଇରୁ ବିଜେଡି ବାଜିମାତ କରିଛି । ସାରଦାଙ୍କ ଲୋକପ୍ରିୟତା ନିକଟରେ ସତ୍ୟଙ୍କ ଅର୍ଥବଳ ଫିକା ପଡିଯାଇଛି । ସତ୍ୟ ଏହି ନିର୍ବାଚନରେ ବିଜୟ ପାଇଁ ସବୁ ଅର୍ଥବଳ ସାଙ୍ଗକୁ ପାନୀୟ ଜଳକୁ ମୁଦା କରିଥିଲେ । ତାଙ୍କ ପାଇଁ ବିଜେପିରେ ରାଷ୍ଟ୍ରୀୟ ପ୍ରବକ୍ତାମାନେ ତୁମ୍ବିତୋଫାନ ପ୍ରଚାର କରିଥିଲା । ଜେପି ନଡ଼ା, ବିପ୍ଳବ ଦେବ, ହେମନ୍ତ ବିଶ୍ୱଶର୍ମା, ଓଡ଼ିଆ ଅଭିନେତା ଅନୁଭବ ମହାନ୍ତି ମଧ୍ୟ ପ୍ରଚାରର ମଙ୍ଗ ଧରିଥିଲେ । ସବୁ ବିଫଳ ହୋଇଥିଲା । ସାରଦାଙ୍କ ପାଇଁ ବିଜେଡି ଷ୍ଟାର ପ୍ରଚାରକ ୫ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଏକା ଆସିଥିଲେ ଏବଂ ସାରଦାଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ । ସାରଦା ପ୍ରସନ୍ନ ଜେନା ୯୩୫୧୭, ସତ୍ୟ ସାରଥୀ ମହାନ୍ତି ୬୭୫୫୮, କଂଗ୍ରେସରୁ ନଳିନୀ କୁମାର ସ୍ୱାଇଁ ୨୭୯୮୧, ସ୍ୱାଧୀନରୁ ସଂଜୀବ ବିଶ୍ୱାଳ ୯୯୭୧ ଭୋଟ ପାଇଛନ୍ତି । ବିଜେଡିରେ ସାରଦା ପ୍ରସନ୍ନ ଜେନା ବିଜେପିର ସତ୍ୟ ସାରଥୀ ମହାନ୍ତିଙ୍କ ଠାରୁ ୨୫୯୫୯ ଖଣ୍ଡ ଭୋଟରେ ବିଜୟ ଲାଭ କରିଛନ୍ତି ।

ମୟୁରଭଞ୍ଜରେ କ୍ଲିନ୍ ସୁଇପ:ବିଜେପି ଶିବିରରେ ଖୁସିର ମାହୋଲ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବହୁ ଚର୍ଚ୍ଚିତ ୨୦୨୪ ସାଧାରଣ ନିର୍ବାଚନର ଭୋଟ ଗଣତି ଥିଲା । ତେବେ ଜିଲ୍ଲାର ଗୋଟିଏ ଲୋକସଭା ଆସନ ଏବଂ ୯ଟି ବିଧାନ ସଭା ଆସନ ପାଇଁ ଭୋଟ ଗଣତି ହୋଇଥିବା ବେଳେ ପ୍ରଥମରୁ ଟ୍ରେଣ୍ଡ ବିଜେପି ସପକ୍ଷରେ ରହିଥିଲା । ଏଥର ଜିଲ୍ଲାରେ ବିଜେପି ନିଜର ଦବ୍‌ଦବା ଜାହିର କରିଥିବା ବେଳେ, ବିଜେପି ଶିବିରରେ ଖୁସିର ମାହୋଲ ଦେଖିବାକୁ ମିଳିଥିଲା । ବିଜେପି କର୍ମୀମାନେ ପରସ୍ପରକୁ ମିଠା ଖୁଆଇ ବାଣ ଫୁଟାଇ ବିଜୟ ଉତ୍ସବ ପଳିଥିଲେ । ତେବେ ସାଧାରଣ ନିର୍ବାଚନ ପାଇଁ ମୟୁରଭଞ୍ଜ ଜିଲ୍ଲାର ୯ଟି ବିଧାନସଭା ଆସନ ଏବଂ ମୟୁରଭଞ୍ଜ ଲୋକସଭା ଆସନ ପାଇଁ ମୋଟ ୫ଟି କେନ୍ଦ୍ରରେ ଭୋଟ ଗଣତି ଚାଲିଥିଲା । ବାରିପଦାର ଏମପିସି ଅଟନମାସ କଲେଜରେ ବାଙ୍ଗିରିପୋଷି, ମୋରଡା ଏବଂ ବଡ଼ସାହି ନିର୍ବାଚନ ମଣ୍ଡଳୀ, ବାରିପଦା ବିଇଡ଼ି କଲେଜରେ ବାରିପଦା ନିର୍ବାଚନ ମଣ୍ଡଳୀ, ଉଦଳା ପାଇଁ ଉଦଳା କଲେଜ ଠାରେ, ସାରସକଣା ଏବଂ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ପାଇଁ ରାଇରଙ୍ଗପୁର ଆମେନ୍ସ କଲେଜ ଠାରେ ସେହିପରି ଜଶିପୁର ଏବଂ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ କରଞ୍ଜିଆ ଅଟୋନୋମାସ କଲେଜ ଠାରେ ଭୋଟ ଗଣତି ହୋଇଥିଲା ।

ଦେଶୀ ମଦ ପ୍ୟାକଟ୍ ପ୍ରସ୍ତୁତ ସମୟରେ ଚଢଉ:ଜଣେ ଗିରଫ

ଜୟପୁର, ନ୍ୟୁଜ୍ ବ୍ୟୁରୋ

ଦେଶୀ ମଦ ପ୍ୟାକେଟରେ ଭର୍ତ୍ତି କରୁଥିବା ବେଳେ ଜୟପୁର ଅବକାରୀ ଥାନା ଚଢାଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଗଡପଦର ନିକଟ ଡାଗୁଡା ଗ୍ରାମର ଅଭିଯୁକ୍ତ ହରି ଟାକରି (୪୯) । ଜୟପୁର ଅବକାରି ଥାନା ସୂଚନା ଅନୁଯାଇ ଗଡପଦର ନିକଟ ଡାଗୁଡା ଗ୍ରାମରେ ଅଭିଯୁକ୍ତ ଦେଶୀ ମଦକୁ ପ୍ୟାକେଟ ଭର୍ତ୍ତି କରି ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ଚଢଉ କରିଛି । ଗିରଫ ଅଭିଯୁକ୍ତ ଠାରୁ ୧୪ ଲିଟର ଦେଶୀ ମଦ, ସିଲିଙ୍ଗ ମେସିନ, ପାଉଚ ଜବତ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ନିଳାଦ୍ରି ବାହିରି ମିଶ୍ର ସୂଚନା ଦେଇଛନ୍ତି ।

ବୌଦ୍ଧରେ ୨୫ ବର୍ଷ ପରେ ଫୁଟିଲା ପଦ୍ମ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବିଜେଡି ଗଡ଼ରେ ବିଜେପିର ବିଜୟୀ ନେଇ ବୌଦ୍ଧ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୟୀ ହୋଇଛି ବିଜେପି । ଚଳିତବର୍ଷ ସାଧାରଣ ନିର୍ବାଚନରେ ବୌଦ୍ଧ ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ପ୍ରଦୀପ ଅମାତଙ୍କୁ ୫୯୪୦୯ ଭୋଟ ମିଳିଥିବା ବେଳେ ବିଜେପିରୁ ସରୋଜ ପ୍ରଧାନ ୬୨୧୧୧ ଭୋଟ ମିଳିଥିଲା । ଫଳରେ ବିଜେପି ବିଜେଡିର କଡା ଟକ୍କର ମଧ୍ୟରେ ୨୭୦୫ ଟି ଭୋଟରେ ବିଜେପି ପ୍ରାର୍ଥୀ ସରୋଜ ଶେଷରେ ବିଜୟ ଲାଭ କରିଛନ୍ତି । ତୃତୀୟ ସ୍ଥାନରେ କଂଗ୍ରେସ ଦଳ ପକ୍ଷରୁ ନବ ମିଶ୍ରଙ୍କୁ ୯୪୨୮ ଖଣ୍ଡ ଭୋଟ ମିଳିଥିଲା । ଶେଷରେ ବିଜୟୀ ହୋଇଥିବା ବିଜେପି ବିଧାୟକ ସରୋଜ କୁମାର ପ୍ରଧାନଙ୍କୁ ଦଳୀୟ ନେତା ଓ ଶହ ଶହ କର୍ମୀ ପୁଷ୍ପଗୁଚ୍ଛ ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଏପରିକି ବିଜୟ ଶୋଭାଯାତ୍ରାରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନକୁ ପହଞ୍ଚି ଲୋକଙ୍କ ଆଶୀର୍ବାଦ ନେବା ସହ ଏହି ମହାନ ବିଜୟ ପଛରେ ବୌଦ୍ଧ ନିର୍ବାଚନ ମଣ୍ଡଳୀବାସୀଙ୍କ ସ୍ନେହ ଓ ଜନତାଜନାର୍ଦ୍ଦନ ସବୁକିଛି ବୋଲି ବିଧାୟକ ସରୋଜ ପ୍ରଧାନ ନିଜର ବକ୍ତବ୍ୟରେ କହିଥିଲେ ।

ପାରାଦ୍ୱୀପରେ ଅନ୍ତଘଟିଲା ପାରିବାରିକ ରାଜନୀତି:ବିଜେପିର ସମ୍ପଦ ସ୍ୱାଇଁ ଜିତିଲେ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ପାରାଦ୍ୱୀପ ଏକା ବନ୍ଦର ନଗରୀ ଭାବେ ଭାରତରେ ତାର ପରିଚୟ ସୃଷ୍ଟି କରିପାରିଛି । ଏଠି ଦୀର୍ଘ ଦଶନ୍ଧି ଧରି ପାରିବାରିକ ରାଜନୀତି ଚାଲିଥିଲା । ଚଳିତ ସାଧାରଣ ନିର୍ବାଚନରେ ପାରାଦ୍ୱୀପରୁ ପାରିବାରିକ ରାଜନୀତି ଶେଷ ହୋଇଛି । ପାରାଦ୍ୱୀପରେ ଡଃ. ଦାମୋଦର ରାଉତରାୟ, ତାଙ୍କ ପୁତ୍ର ସମିତ ରାଉତରାୟ ବିଧାୟକ ହୋଇ ରାଜୁତି ଚଳାଉଥିବାବେଳେ ଚଳିତ ନିର୍ବାଚନରେ ଦାମଙ୍କ ବୋହୂ ତଥା ସମ୍ବିତଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ରାଉତରାୟ ନିର୍ବାଚନକୁ ଓହ୍ଲାଇଥିଲେ । ଚଳିତ ନିର୍ବାଚନରେ ବିଜେପିରୁ ସମ୍ପଦ ଚରଣ ସ୍ୱାଇଁ, କଂଗ୍ରେସରୁ ନିରଞ୍ଜନ ନାୟକ ପ୍ରତିଦ୍ୱନ୍ଦ୍ୱୀ କରୁଥିଲେ । ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ରାଜନୀତିରେ ପାରିବାରିକ ମୁଦା ନେଇ ଲୋକଙ୍କ ପାଖରେ ଭୋଟ ଭିକ୍ଷା କରିଥିଲେ । ଭୋଟର ମଧ୍ୟ ସମ୍ପଦଙ୍କୁ ଗ୍ରହଣ

କରିଥିଲେ । ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟଙ୍କ ଠାରୁ ସମ୍ପଦ ଚରଣ ସ୍ୱାଇଁ ବିଜୟ ଲାଭ କରିଛନ୍ତି । ଗୀତାଞ୍ଜଳିଙ୍କୁ ୬୮୭୩୧ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେପିରେ ପ୍ରାର୍ଥୀ ସମ୍ପଦଙ୍କୁ ୮୪୫୧୮ ଖଣ୍ଡ ଭୋଟ ମିଳିଛି । ସମ୍ପଦ ଚରଣ ସ୍ୱାଇଁ ୧୫୭୮୭ ଖଣ୍ଡ ଭୋଟ ବ୍ୟବଧାନରେ ଗୀତାଞ୍ଜଳି ରାଉତରାୟଙ୍କୁ ପରାସ୍ତ କରିଛନ୍ତି । ଗୀତାଞ୍ଜଳିଙ୍କ ପାଇଁ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ମିଶିଥିବା ବାପି ସରଖଲ ଓ ତାଙ୍କ ଧର୍ମପତ୍ନୀ ମନଦୀପା ସରଖଲ ପ୍ରଚାରକୁ ଜୋରଦାର କରିଥିଲେ ମଧ୍ୟ ଭୋଟରଙ୍କ ନିକଟରେ ସବୁ ଫେଲ୍ ମାରିଥିଲା । ଶେଷରେ ପାରାଦ୍ୱୀପରେ ପାରିବାରିକ ରାଜନୀତିରେ ମୂଳଛେଦ ପଡିବାପରେ ବିଜେପି ବିଜୟ ମୁକୁଟ ପିନ୍ଧିଥିଲା । ବିଜେପି ବିଧାୟକ ସମ୍ପଦ ଚରଣ ସ୍ୱାଇଁ ତାଙ୍କ ବିଜୟର ଶ୍ରେୟ ପାରାଦ୍ୱୀପ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ପ୍ରଦାନ କରିଛନ୍ତି ।

ଝାରସୁଗୁଡ଼ା ଜନତାଙ୍କୁ ଧନ୍ୟବାଦ ଦେଲେ ଦିପାଳି ଦାସ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଝାରସୁଗୁଡା ବିଧାନସଭା ନିର୍ବାଚନରେ ପରାଜିତ ହେବା ପରେ ଦିପାଳି ଦାସ ଝାରସୁଗୁଡା ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ହାରିବା ଓ ଜିତିବା ନିର୍ବାଚନର ଏକ ଅଂଶ । ଏହି ନିର୍ବାଚନୀ ପ୍ରଚାର ସମୟରେ ଆପଣମାନେ ଯେପରି ଭାବରେ ମତେ ସ୍ନେହ ଶ୍ରଦ୍ଧା ଓ ଆଶୀର୍ବାଦ ଦେଇଛନ୍ତି ତାହା ମୁଁ ସବୁଦିନ ପାଇଁ ମାନେ ରଖିବି । ଏହା ସହିତ ଏହି ସମୟରେ ମତେ ସହଯୋଗ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁଁ ଧନ୍ୟବାଦ ଜଣାଉଛି । ମୋର ପ୍ରିୟ ଝାରସୁଗୁଡ଼ାବାସୀଙ୍କ ସେବା କରିବା ପାଇଁ କୌଣସି ପଦବୀର ଆବଶ୍ୟକତା ନାହିଁ । ଆଜୀବନ ମୁଁ ମୋର ସେବା କାର୍ଯ୍ୟ ଜାରିରଖିବି । ଆଉ ଥରେ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ଏବଂ ସମସ୍ତଙ୍କର ସୁଖ ଶାନ୍ତି ପାଇଁ ମା'ସମଲେଇ ଓ ଝାଡ଼େଶ୍ୱର ବାବାଙ୍କ ନିକଟରେ ପ୍ରାର୍ଥନା କରୁଛି ।

ଟାଟା ଷ୍ଟିଲ୍ ପକ୍ଷରୁ ଚାରା ରୋପଣ ଏବଂ ଯୋଡ଼ା ସହର ପରିଷ୍କାର ଅଭିଯାନ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଟାଟା ଷ୍ଟିଲ୍ ପକ୍ଷରୁ ବୁଧବାର ଚାରା ରୋପଣ, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ଯୋଡା ସହର ପରିଷ୍କାର ଅଭିଯାନ ଆରମ୍ଭ କରାଯାଇଛି । ଏହି ଉତ୍ସବ ପାଳନ ଅବସରରେ ଟାଟା ଷ୍ଟିଲ୍ ଯୋଡା ମୁଖ୍ୟ ରାଜେଶ କୁମାର, ମେଡିସିନାଲ ପାର୍କ ଠାରେ କମ୍ପାନୀର କର୍ମଚାରୀ ମାନଙ୍କ ଉପସ୍ଥିତିରେ ଏକ ଚାରା ରୋପଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ଯୋଡା ଇଷ୍ଟ ଟେ ପ୍ରୋସେସିଂ ପ୍ଲାଣ୍ଟ ମୁଖ୍ୟ ଚିତ୍ତରଞ୍ଜନ ସାହୁ, ଅପରେସନ୍ ମୁଖ୍ୟ ହରିଦ୍ରୁମତ ବେହେରା ଓ ପରିବେଶ ବିଭାଗ ପ୍ରବନ୍ଧକ ଶୁଭମ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷର ବିଷୟବସ୍ତୁ, ଭୂମିର ପୁନଃ ସଂରକ୍ଷଣ ସମ୍ପର୍କରେ ସମସ୍ତ ଉପସ୍ଥିତ ବ୍ୟକ୍ତି ବିଶେଷ ଏବଂ ପିଲାମାନଙ୍କୁ ସଚେତନ କରାଯାଇ ପୂର୍ବରୁ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀ ଏବଂ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ପୂର୍ବରୁ ଖଣ୍ଡବନ୍ଧ ଏବଂ କଳମଙ

ପକ୍ଷାତୀତ
30 YEARS
ସମ୍ବାଦ କାଳିକା

ଭାରତ ପାଇଁ ସବୁଠୁ ବଡ଼ ଭୁଲ

ଦେଶରେ ଥିବା ଢାଞ୍ଚାଗତ ସମସ୍ୟାର ସମାଧାନ କରିବା ବଦଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ହେଉଥିବା ପ୍ରଚାର ଉପରେ ବିଶ୍ୱାସ କରି ଭାରତ ବଡ଼ ଭୁଲ କରୁଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ କହିଛନ୍ତି । ମୋଦୀ ସରକାରଙ୍କ ନୀତିକୁ ସମାଲୋଚନା କରିବାର ସୁଯୋଗ ହାତଛଡ଼ା କରୁନଥିବା ରାଜନ କହିଛନ୍ତି ଯେ ବହୁ ବର୍ଷର କଠିନ ପରିଶ୍ରମ ପରେ ଏହି ପ୍ରଚାର ସତ ହୋଇଛି । ମାତ୍ର ରାଜନେତାମାନେ ଏହି ବିଶ୍ୱାସ ଦେବାକୁ ଚାହୁଁଛନ୍ତି ଯେ ଆମେ ଆସି ଠିକ୍ ଜାଗାରେ ପହଞ୍ଚିଯାଇଛନ୍ତି । ତେବେ ସେହି ପ୍ରଚାର ଉପରେ ବିଶ୍ୱାସ କରିବା ଭାରତ ପାଇଁ ସବୁଠୁ ବଡ଼ ଭୁଲ ହେବ ବୋଲି ସେ କହିଛନ୍ତି ।ରାଜନଙ୍କ ମତରେ ନିର୍ବାଚନ ପରେ ଗଠନ ହେବାକୁ ଥିବା ନୂଆ ସରକାରଙ୍କ ପାଇଁ ସବୁଠୁ ବଡ଼ ଆହ୍ୱାନ ହେଉଛି ଶିକ୍ଷା ଓ ଦକ୍ଷତା ବିକାଶରେ ଉନ୍ନତି ଆଣିବା । ତାହା ନକଲେ ଜନସଂଖ୍ୟାରେ ଥିବା ଯୁବବର୍ଗର ଲାଭକୁ ଭାରତ ହାସଲ କରିପାରିବ ନାହିଁ ।

ଭାରତର ୧୪୪ କୋଟି ଲୋକଙ୍କ ମଧ୍ୟରୁ ଅଧାରୁ ଅଧିକ ଲୋକଙ୍କ ବୟସ ୩୦ ବର୍ଷରୁ କମ୍ ରହିଛି । ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯେଉଁ ଆକାଂକ୍ଷା ରହିଛି ସେ ସମ୍ପର୍କରେ ରାଜନ କହିଛନ୍ତି ଯେ ଯେଉଁଠାରେ ଦେଶର ଅଧିକାଂଶ ପିଲା ହାଇସ୍କୁଲ ପର୍ଯ୍ୟନ୍ତ ପଢ଼ିପାରୁନାହାନ୍ତି ଏବଂ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କ ସଂଖ୍ୟା ଏତେ ଅଧିକ ରହିଛି, ସେଠାରେ ଏଭଳି ଆକାଂକ୍ଷା ଅତ୍ୟନ୍ତ ବାଜେ କଥା । ଆମ ପାଖରେ ବହୁ ସଂଖ୍ୟାରେ ଯୁବକଯୁବତୀ ରହିଛନ୍ତି । ଯଦି ସେମାନଙ୍କୁ ନିଯୁକ୍ତି ମିଳିବ ତେବେ ତାହାର ଲାଭ ଅର୍ଥନୀତିକୁ ମିଳିବ । ଏହା ନହେବା ଆମ ପାଇଁ ସବୁଠୁ ବଡ଼ ଦୁଃଖର ବିଷୟ । ଭାରତକୁ ପ୍ରଥମେ ଶ୍ରମ ଶକ୍ତିକୁ ନିଯୁକ୍ତି ପାଇବା ଲାଗି ଯୋଗ୍ୟ କରିବାକୁ ପଡ଼ିବ ଏବଂ ପରେ ସେମାନଙ୍କ ଲାଗି ନିଯୁକ୍ତି ସୃଷ୍ଟି କରିବାକୁ ପଡ଼ିବ ବୋଲି ରାଜନ କହିଛନ୍ତି । ଭାରତୀୟ ସ୍କୁଲରେ ଶିକ୍ଷାର ମାନରେ ଅବନତି ଘଟିଛି । ୨୦୧୨ ପୂର୍ବ ସମୟ ଭଳି ସ୍ଥିତି ଫେରି ଆସିଛି । ସାକ୍ଷରତା ହାରରେ ଭିଏତନାମ୍ଠାରୁ ଭାରତ ପଛରେ ରହିଛି । ଶିକ୍ଷାରେ ଅଧିକ ବ୍ୟୟ କରିବା ବଦଳରେ ଚିପ୍ ନିର୍ମାଣ ଲାଗି ସବ୍‌ସିଡି ଆକାରରେ ଅଧିକ ପାଣ୍ଠି ଦେବା ପାଇଁ ସରକାର ଯେଉଁ ନୀତି ପ୍ରସ୍ତୁତ କରିଛନ୍ତି ତାହା ବିଭ୍ରାନ୍ତୀକରଣ ବୋଲି ସେ କହିଛନ୍ତି ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ତା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଭୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)
ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଥ୍ୱ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ତା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

ଭବିତବ୍ୟ ଯାହା ଅବଶ୍ୟ ଘଟିବ-୩୯

ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଲକ୍ଷ୍ମଣ ସଙ୍ଗେ ସଙ୍ଗେ ତାଙ୍କର ଉଗ୍ରରୂପକୁ ଅତି ଭୟଙ୍କର ଭାବେ ବିସ୍ତାରିତ କରି ଅସ୍ତ୍ର ଉଠାଇଲେ ପର୍ଶୁରାମଙ୍କୁ ସେହିଠାରେ ଧ୍ୱଂସ କରିଦେବା ପାଇଁ। ବିଶାଳ ଜନପଦ ପ୍ରକମ୍ପିତ ହେବାକୁ ହେବାକୁ ଲାଗିଲା। ଏହି ପରିସ୍ଥିତି ପୁଣି ଶ୍ରୀରାମଙ୍କ ସମ୍ମୁଖରେ ଯେତେବେଳେ ସୃଷ୍ଟି ହେବାକୁ ଲାଗିଲାଣି ସେତେବେଳେ ସେ ଆଉସ୍ଥିର ହୋଇ ରହି ପାରିଲେ ନାହିଁ। ସଙ୍ଗେ ସଙ୍ଗେ ଲକ୍ଷ୍ମଣଙ୍କ ନିକଟକୁ ଯାଇ କହିଲେ 'ଲକ୍ଷ୍ମଣ ! ଶୀଘ୍ର ଅସ୍ତ୍ର ପରିତ୍ୟାଗ କର। ଆଉ ପାଦେ ଆଗକୁ ବଢନାହିଁ। ଲକ୍ଷ୍ମଣ ବଡଭାଇଙ୍କ ଆଦେଶ ମାନି ଅସ୍ତ୍ର ପରିତ୍ୟାଗ କରିଦେଲେ। ସଙ୍ଗେ ସଙ୍ଗେ ପର୍ଶୁରାମଙ୍କ ନିକଟକୁ ଆସି କହିଲେ 'ପ୍ରଭୁ ! ମୋର ପ୍ରଣାମ ଗ୍ରହଣ କରନ୍ତୁ, ଆଉ ଅଧିକ କ୍ରୋଧିତ ନହୋଇ କ୍ରୋଧକୁ ଶାନ୍ତ କରନ୍ତୁ। ଲକ୍ଷ୍ମଣ ମୋର ସାନ ଭାଇ, ସେ ଗୋଟିଏ ଅବୋଧ ବାଳକ। ଏହାପରେ ସେ ବି ଆପଣଙ୍କ ପ୍ରତି କୌଣସି ଅନୁଚିତ ଶବ୍ଦ ପ୍ରୟୋଗ କରିନାହିଁ। ଯଦି ତା' ବ୍ୟବହାର ଆପଣଙ୍କ ହୃଦୟକୁ ଅଥବା ବ୍ୟକ୍ତିତ୍ୱ ଉପରେ କିଛି ଆଘାତ ସୃଷ୍ଟି କରିଥିବ, ସେଥିପାଇଁ ମୁଁ ଆପଣଙ୍କ ନିକଟରେ ଅତ୍ୟନ୍ତ ବିନମ୍ରତାର ସହ ପ୍ରାର୍ଥନା କରୁଛି ତାକୁ ଆପଣ ନିଜ ଉଦାର ହୃଦୟରେ କ୍ଷମା ପ୍ରଦାନ କରନ୍ତୁ। ଆପଣ ଏ ବିଶାଳ ସଭାକୁ ପ୍ରଶ୍ନ କରିଥିଲେ ହରଧନୁ କିଏ ଭାଙ୍ଗିଛି, ଯିଏ ଭାଙ୍ଗିଛି ତାକୁ ଆପଣ ଅତି ବିଭସ୍ ଢଙ୍ଗରେ ହତ୍ୟା କରିବେ। ସେହି ପ୍ରଶ୍ନର ଉତ୍ତର ହେଉଛି ମୁଁ, ମୁଁ ଭାଙ୍ଗିଛି ହରଧନୁ। ତେଣୁ ଯାହାକିଛି କଠୋର ଦଣ୍ଡ ଦେବା କଥା, ତାହା ମୋତେ ଦିଅନ୍ତୁ। ଯଦି ମୋତେ ମୃତ୍ୟୁ ଦଣ୍ଡ ଦେଲେ ଆପଣଙ୍କର କ୍ରୋଧାଗ୍ନି ପ୍ରଶମିତ ହେବ ତେବେ ତାହା ବି ଦିଅନ୍ତୁ। ସେହି ଦଣ୍ଡକୁ ମୁଁ ଆନନ୍ଦରେ ଗ୍ରହଣ କରିନେବି। ଏହା ବ୍ୟତୀତ ଆଉ ଯଦି ତୁମ ଜ୍ଞାତସାରରେ ଅନ୍ୟ କୌଣସି କଠୋର ଦଣ୍ଡ ଥାଏ, ତେବେ ତାହାବି ଦିଅନ୍ତୁ, ମୁଁ ସ୍ୱୀକାର କରିନେବି।'' ଶ୍ରୀରାମଙ୍କର ଏହି ବିନମ୍ର କଣ୍ଠ ସ୍ୱର ଶ୍ରବଣ କରିବା ମାତ୍ରେ ପର୍ଶୁରାମଙ୍କର ଭୟଙ୍କର କ୍ରୋଧ ଧୀରେ ଧୀରେ ଶାନ୍ତ ହୋଇଯାଉଥାଏ। ତଥାପି ପର୍ଶୁରାମ ଉତ୍ତେଜିତ କଣ୍ଠସ୍ୱରରେ ଶ୍ରୀରାମଙ୍କୁ କହିଲେ ' ହେ ରାମ ! ଗୋଟିଏ ଦିଗରେ ତୁମର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ଯୁଦ୍ଧପାଇଁ ମୋ ନିକଟକୁ ପ୍ରେରିତ କରି, ମୋର ଶକ୍ତି ସାମର୍ଥ୍ୟକୁ ଛିନ୍ନ କରିସାରିଲାଣି ଅନ୍ୟ ପକ୍ଷରେ ତୁମେ ଆସି ମୋତେ ସାନ୍ତ୍ୱନା ଦେଉଛ ? ମନେ ରଖ ରାମ, କେବେବି ତୁମକୁ ହତ୍ୟା ନ କରି ଛାଡିବିନି। ତଥାପି ମୋ ସହିତ ଯୁଦ୍ଧ କରିବାକୁ ସୁଯୋଗ ଦେଉଛି, ତୁମେ ଯୁଦ୍ଧ କର, ଯୁଦ୍ଧ ନକରି ତୁମକୁ କେବେ ବି ହତ୍ୟା କରିବି ନାହିଁ।' ରାଜୀବ ଲୋଚନ ସ୍ମିତହାସ୍ୟ ରେଖାରେ ପର୍ଶୁରାମଙ୍କୁ ସମ୍ବୋଧନ କରି କହିଲେ ''ହେ ଭାର୍ଗବ, ମୁଁ ହେଉଛି ରାମ ଆଉ ତୁମେ ହେଉଛ ପର୍ଶୁରାମ, ମୋ ହସ୍ତରେ ଏବେବି କାଣ୍ଡ କୋଦଣ୍ଡର ଚିହ୍ନ ବର୍ଣ୍ଣ ନାହିଁ, କିନ୍ତୁ ତୁମ ହସ୍ତରେ ମଣିଷ ରକ୍ତରେ ରକ୍ତ ରଞ୍ଜିତ କୃପାଣ। ଫରକ ମାତ୍ର ଏତିକି, ସମ୍ଭବତଃ ତୁମେ ରାମକୁ ଏ ପର୍ଯ୍ୟନ୍ତ ଚିହ୍ନି ପାରିନାହଁ। ଆଉ ଗୋଟିଏ କଥା କହୁଛି ଶୁଣ, ରଣଭୂମିରେ ସ୍ୱୟଂ ମହାକାଳ ଯଦି ମୋ ସହିତ ଯୁଦ୍ଧ କରିବା ପାଇଁ ଆହ୍ୱାନ କରେ, ମୁଁ କେବେହେଲେ ତାକୁ ଗୋଟିଏ ମୁହୂର୍ତ୍ତ ସମୟ ଦିଏ ନାହିଁ, ଆଉ ତୁମେ ତ ସାମାନ୍ୟ ଜଣେ ତପସ୍ୱୀ, କେତେ ଅବା ସାମରିକ ଦକ୍ଷତା ଅଛି ତୁମ ନିକଟରେ ତାହା ମୁଁ ବହୁ ପୂର୍ବରୁ ଆକଳନ କରି ସାରିଛି ଏବଂ ଏବେ ମଧ୍ୟ ତୁମର ଏ ପ୍ରଚଣ୍ଡ କୋପାନଳ ମୂର୍ତ୍ତି ଦେଖି ଅନୁମାନ କରି ସାରିଲେଣି ଯେ ତୁମେ ହେଉଛ ଗୋଟାଏ ନିର୍ବୋଧ ଆଉ ଅପାରଗ ଯୋଦ୍ଧା।

(କ୍ରମଶଃ)

ମହାପର୍ବର ଅର୍ଥଶକ୍ତି


ଶ୍ରୀ ନୀଳମୋହନ ତ୍ରିପାଠୀ
ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ
ମୋ-୭୯୭୮୦୪୧୩୩୧

ଚଳିତ ବର୍ଷ ମାର୍ଚ୍ଚମାସ ୧୬ ତାରିଖରେ ନିର୍ବାଚନ ଆୟୁକ୍ତ ୧୮ ମେ ଲୋକସଭାର ୫୪୩ ଆସନ ଓ ୪ଟି ରାଜ୍ୟର ବିଧାନସଭା ନିର୍ବାଚନ ଯଥା:- ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକିମ ପାଇଁ ନିର୍ବାଚନ ଘୋଷଣା କରିବା ପରେ ନିର୍ବାଚନ ମହାପର୍ବ ଆରମ୍ଭ ହୋଇଥିଲା। ସେହିଦିନ ଠାରୁ ନିର୍ବାଚନ ଆଚରଣ ବିଧି ଲାଗୁ ହେଲା । ଆଚରଣ ବିଧି ଲାଗୁ ହେବା ସହ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶରେ ଦେଶରେ ଆୟକର ପୋଲିସ, ଅବକାରୀ ବିଭାଗ ଆଦି ସରକାରୀ ସଂସ୍ଥାମାନଙ୍କ ତରଫରୁ ବେଆଇନ ଅର୍ଥ, ସୁନା, ମାଦକ ଦ୍ରବ୍ୟ ଉପରେ ଚଢଉ ଜାରି ରହିଲା। ମହାପର୍ବର ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ଜୁନ୍‌ମାସ ୧ ତାରିଖରେ ଶେଷ ହୋଇଛି। ଏହି ମହାପର୍ବ ସମୟରେ ଆୟକର ବିଭାଗ ତରଫରୁ ୧୧୫୦ କୋଟି ଟଙ୍କାର ନଗଦ ଟଙ୍କା ଓ ସୁନା ଜବତ ହୋଇଥିବା ନିର୍ବାଚନ ଆୟୁକ୍ତ ଦ୍ୱାରା ଗଣ ମାଧ୍ୟମରେ ପ୍ରକାଶିତ ହୋଇଅଛି। ଏହି ଜବତ ସୁନା ଓ ଟଙ୍କା ୨୦୧୯ ମସିହା ସାଧାରଣ ନିର୍ବାଚନ ଠାରୁ ତିନି ଗୁଣା, ଅଧିକ ବୋଲି କୁହାଯାଉଛି। ୨୦୧୯ ମସିହାରେ ସାଧାରଣ ନିର୍ବାଚନ ବେଳେ ୩୯୦ କୋଟି ଟଙ୍କାର ନଗଦ ଓ ସୁନା ଜବତ ହୋଇଥିଲା, ୨୦୨୪ ନିର୍ବାଚନ ମହାପର୍ବରେ ଦିଲ୍ଲୀ ସହ କର୍ଣ୍ଣାଟକ ପ୍ରତ୍ୟେକ ରାଜ୍ୟରେ ୨୦୦କୋଟି ଟଙ୍କାର ନଗଦ ଟଙ୍କା ଓ ସୁନା ଜବତ ହୋଇଥିବା ବେଳେ ତେଲେଙ୍ଗାନାରେ ୧୫୦ କୋଟି ଟଙ୍କାର ସୁନା ଓ ଟଙ୍କା ଜବତ ହୋଇଛି। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଓଡ଼ିଶା ପ୍ରତ୍ୟେକ ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାର ସୁନା ଓ ଟଙ୍କା ଜବତ କରାଯାଇଛି। ସେହିପରି ଆମ ରାଜ୍ୟର ନିର୍ବାଚନ ଅଧିକାରୀଙ୍କ ପ୍ରଦତ୍ତ ସୂଚନା ଅନୁସାରେ ଚଳିତ ଗଣତନ୍ତ୍ରର ମହାପର୍ବରେ ରାଜ୍ୟରେ ୨୭୫କୋଟି ଟଙ୍କାର ସୁନା ଟଙ୍କା ଓ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ନିର୍ବାଚନ ମହାପର୍ବରେ ପ୍ରାୟ ୭୮କୋଟି ଟଙ୍କାର ମାଦକ ଦ୍ରବ୍ୟ ଜବତ ହୋଇଥିବା ବେଳେ ୧୪.୭୪ କୋଟି ଟଙ୍କାର ମାଗଣା ସାମଗ୍ରୀ ଜବତ ହୋଇଛି। ଏହି ସବୁ ଜବତ ସାମଗ୍ରୀ ଓ ଟଙ୍କା ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ନିୟୋଜିତ ହୋଇଥାନ୍ତି। ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରାୟ ୨୦.୦୮ କୋଟି ଟଙ୍କା, ୨୦୧୯ ମସିହା ନିର୍ବାଚନ ସମୟରେ ପ୍ରାୟ ୪୦ କୋଟି ଟଙ୍କା ଜବତ ହୋଇଥିବା ବେଳେ, ୨୦୧୪ ମସିହା ନିର୍ବାଚନ ସମୟରେ ୭.୨୬ କୋଟି ଟଙ୍କାର ମାଦକ ଦ୍ରବ୍ୟ, ୨୦୧୯ ମସିହାରେ ୨୨.୦୨କୋଟି ଟଙ୍କାର ମାଦକ ଦ୍ରବ୍ୟ ଜବତ ହୋଇଥିଲା। ଚଳିତ ୨୦୨୪ ମସିହା ଗଣତନ୍ତ୍ର ମହାପର୍ବରେ ବିପୁଳ ଟଙ୍କା, ସୁନା, ମାଦକ ଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ଅର୍ଥତନ୍ତ୍ରର ବିପୁଳ ଯୋଗଦାନକୁ ସୂଚିତ କରେ।

୧୮ ତମ ଗଣତନ୍ତ୍ର ମହାପର୍ବ ଆରମ୍ଭରୁ ଏହି ଗଣତନ୍ତ୍ର ମହାପର୍ବର ପୁଞ୍ଜି ବଜାରରେ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ବିଶେଷଙ୍କର ପଟ୍ଟ ପରିବର୍ତ୍ତନ ଓ ଦଳ ଡିଆଁ ପର୍ବ ଆରମ୍ଭ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳ ପୁଞ୍ଜିପତି ହୋଇ ଅନ୍ୟ ଦଳର ରାଜନୈତିକ ବ୍ୟକ୍ତିକୁ କିଣାବିକା ଆରମ୍ଭ କଲେ। ୨୦୨୪ ଗଣତନ୍ତ୍ର ମହାପର୍ବର ବିଶେଷତ୍ୱ ହେଲା, ରାଜନୈତିକ ଦଳମାନେ ପୁଞ୍ଜିପତି କମ୍ପାନୀ ପରି ରାଜନୈତିକ ବ୍ୟକ୍ତିଙ୍କୁ ରାଜନୈତିକ ପୁଞ୍ଜି ବଜାରରୁ ଆଣି ନିଜ ଦଳରେ ସାଦରେ ଗ୍ରହଣ କଲେ। ଆଜି ଯେଉଁ ରାଜନୈତିକ ବ୍ୟକ୍ତି ଅନ୍ୟ ଦଳ ଓ ତାହାର ନେତାଙ୍କୁ କଠୋର ସମାଲୋଚନା କରୁଥିଲେ, ସେ ଅନ୍ୟ ଦଳରେ ଯୋଗଦାନ କରି ସେ ଦଳ ଓ ଦଳର ନେତାଙ୍କୁ ପ୍ରଶଂସାରେ ପୋତି ପାକାଉଥିଲେ। ନିର୍ବାଚନ ପ୍ରଚାର ଜୋର ସୋରରେ ଆଗେଇବା ସହ ରାଜନୈତିକ ପୁଞ୍ଜି ବଜାରରେ ରାଜନୈତିକ ବ୍ୟକ୍ତିମାନଙ୍କ ଦାମ ଓ ଚାହିଦା ମଧ୍ୟ ବଢୁଥାଏ ଏବଂ କମୁଥାଏ। ନିର୍ବାଚନ ପ୍ରଚାର ସମୟରେ ସାଧାରଣ ଭୋଟର ଏହି ରାଜନୈତିକ ପୁଞ୍ଜିବଜାରରେ ଯୋଗଦେଲେ। ନିର୍ବାଚନ ପ୍ରଚାର ଆଗେଇବା ସହ ଭୋଟର ମାନଙ୍କର ଚାହିଦା, ଗୁରୁତ୍ୱ ରାଜନୈତିକ ପୁଞ୍ଜିବଜାରରେ ବଢିଚାଲିଲା ଯେଉଁ ଦିନ ନିର୍ବାଚନ ପ୍ରଚାର ଅପରାହ୍ନ ୫ଘଣ୍ଟା ସମୟରେ ଶେଷ ହୁଏ ତା ପରଦିନ ନିର୍ବାଚନ ପ୍ରଚାର ବନ୍ଦ ହୁଏ। ଭୋଟ ଗ୍ରହଣ ହେବାର ୪୮ ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ବନ୍ଦ ହେବା ପାଇଁ ନିର୍ବାଚନ ଆୟୁକ୍ତ ନିର୍ଦ୍ଦେଶ ଦେଇଥାନ୍ତି। ନିର୍ବାଚନ ପ୍ରଚାର ବନ୍ଦ ହେବା ପରେ ରାଜନୈତିକ ପୁଞ୍ଜିବଜାରରେ କିଛି ଭୋଟର ମାନଙ୍କର ଗୁରୁତ୍ୱ ବହୁତ ବଢିଯାଏ ବୋଲି ଶୁଣାଯାଏ। ରାଜନୈତିକ ପୁଞ୍ଜିପତିଙ୍କ ଦଲାଲମାନେ ଅନ୍ଧାରିବିଜେ କରି କିମ୍ବା ଦ୍ୱିପ୍ରହରେ ଲୁକ୍କାୟିତ ଭାବେ ଭୋଟ ରୂପକ ସେୟାର କିଣି ଥାନ୍ତି ବୋଲି ଶୁଣାଯାଏ। ଏହି ଲୁଚାଛପା କିଣା ବିକା ଭୋଟ ଶେଷ ଯାଏ ଚାଲିଥାଏ ବୋଲି ସମାଜରେ କଥାବାର୍ତ୍ତା ହୁଅନ୍ତି। ଶୁଣାଯାଏ ଏହି ଭୋଟ ରୂପକ ସେୟାରର ଦାମ ୫୦୦ ଠାରୁ ଆରମ୍ଭ କରି ୨୦୦୦ ଯାଏ। ଏଥିରେ କେତେ ସତ୍ୟତା ଅଛି କେବଳ ସେହିମାନେ ହିଁ କହିପାରିବେ। ଭୋଟ ସରିବା ପରେ ରାଜନୈତିକ ପୁଞ୍ଜିବଜାରରେ ଭୋଟର ମାନଙ୍କର ଗୁରୁତ୍ୱ ସଂପୂର୍ଣ୍ଣ କମିଯାଏ।

ସଦ୍ୟ ସମାପ୍ତ ଚଳିତ ନିର୍ବାଚନ ମହାପର୍ବରେ ଖର୍ଚ୍ଚ ହୋଇଥିବା ବିପୁଳ ଅର୍ଥରାଶି ସୁଚାଇଦିଏ ଆମର କଷ୍ଟଲବ୍ଧ ଗଣତନ୍ତ୍ର ଅର୍ଥତନ୍ତ୍ର କବଳିତ ହୋଇଯାଉଛି। ସାଧାରଣ ବିଜ୍ଞ ଲୋକମାନେ ନିର୍ବାଚନ ମହାପର୍ବରେ ଭାଗନେବା ଦୁଃସ୍ୱପ୍ନ ଆଡକୁ ଗତି କରୁଛି। ନିର୍ବାଚନ ଫଳାଫଳ ବାହାରିବା ପରେ ଯିଏ ଜିତିଲେ ସିଏ ବାଜା ବଜାଇ ମିଷ୍ଟାନ୍ନ ବଣ୍ଟନ କରିବେ। ବାଣପରି ବୋମା ମଧ୍ୟ ଫୁଟିପାରେ। ମଦ ମାଂସର ଆସର ଜମିବ, ସଂଖ୍ୟା ଗରିଷ୍ଠତାରୁ କମ ଥିଲେ ବିଧାୟକ ଓ ସାସଂଦ କିଣା ବିକା ପାଇଁ ରାଜନୈତିକ ପୁଞ୍ଜି ବଜାରକୁ ନିୟୋଜିତ କରାଯିବ। ଯେଉଁ ରାଜନୈତିକ ଦଳ ବା ଗୋଷ୍ଠିର ପୁଞ୍ଜି ଅଧିକ ହେବ ସେ ଲୋକ ପ୍ରତିନିଧିଙ୍କୁ କିଣିବାରେ ସଫଳ ହେବ। ନିର୍ବାଚନ ବଣ୍ଡରେ ସଂଗୃହିତ ହଜାର ହଜାର କୋଟି ଟଙ୍କା ସହ କଳାଧନ ମଧ୍ୟ ଏଥିରେ ସାହାଯ୍ୟ କରିବ।

୧୯୯୦ ମସିହା ଠାରୁ ୧୯୯୬ ମସିହା ଯାଏ ମୁଖ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ତିରୁନେଲାର ନାରାୟଣ ଆୟାର ଶେଷାନ (ଟି.ଏନ୍.ଶେଷାନ)ଙ୍କ ନିର୍ବାଚନ ପରିଚାଳନାର ଦକ୍ଷତା ଏବେ ମଧ୍ୟ ସର୍ବସାଧାରଣରେ ପ୍ରଶଂସିତ। ରାଜନୈତିକ ଦଳ କିମ୍ବା ବ୍ୟକ୍ତି ଯେତେ, ଶକ୍ତିଶାଳୀ ବା କ୍ଷମତାଧାରୀ ହୋଇଥାନ୍ତୁ ପଛେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କଲେ ସେ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ସ୍ୱର୍ଗରେ ତାଙ୍କ ଆତ୍ମା ଚଳିତ ନିର୍ବାଚନରେ ବିପୁଳ ଅର୍ଥ ବିନିଯୋଗ ଓ ନିର୍ବାଚନ ପ୍ରଚାର ଦେଖି ଦୁଃଖ ପ୍ରକାଶ କରୁଥିବ।

ଧାର୍ମିକ ସ୍ଥଳରେ ମନୁଷ୍ୟକୃତ ଦୁର୍ଘଟଣା

ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସମ୍ପ୍ରତି ଭାରତବର୍ଷ ସମେତ ପୃଥିବୀର ଅନେକ ସ୍ଥାନରେ ଧର୍ମାନୁଷ୍ଠାନ ଗୁଡିକରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଭକ୍ତଙ୍କ ଧନ ଜୀବନ ନଷ୍ଟ ହେଉଛି, ଏହାର ପ୍ରମୁଖ କାରଣ ଗୁଡିକ ମଧ୍ୟରୁ ସୀ

ସାବିତ୍ରୀ

ରଶ୍ମି ମହାପାତ୍ର

ଆଗପଛ ଚାଲୁଥା'ନ୍ତି ମୃତ୍ୟୁ ଓ ଜୀବନ,
ଗଭୀର ନିଦ, ସ୍ୱପ୍ନହୀନ ବିଶ୍ରାମରେ ସତ୍ୟବାନ
ନିଜ ହାତରେ ଭବିଷ୍ୟତ ଲେଖିବାର ସିଦ୍ଧାନ୍ତରେ ସାବିତ୍ରୀ
ଅସୀମ ରାତି, ନାଟକର ଅନ୍ତିମ ପର୍ବ,
ମୃତ୍ୟୁର ନିବିଡ ଆଲିଙ୍ଗନରୁ ମୁକ୍ତ କରିବାପାଇଁ
ଏକ ଦୃଢ ନିଷ୍ପତ୍ତିର ନମ୍ର ସଂଶୋଧନପାଇଁ
ରୀତିମତ ଲଢେଇ ଚାଲିଥାଏ
ଦେବ ଓ ମାନବ ମଧ୍ୟରେ,

ଅନ୍ଧାର ଆଲୁଅ ମଝିରେ
ମୃତ୍ୟୁର ଦେବତାଙ୍କୁ ଭେଟନ୍ତି ସାବିତ୍ରୀ
ହୃଦୟର ଅଲିଭା ନିଆଁରେ
ଶୀତଳ ଅନ୍ଧକାରର ପିଠି ଥାପୁଡେଇ
ଅଧରାତିରେ ଧାଁଆନ୍ତି ସମୟକୁ ପଛରେ ପକାଇ
ସତ୍ୟବାନଙ୍କୁ ଫେରାଇ ଆଣିବାପାଇଁ
ମୃତ୍ୟୁର ଫାଶରୁ
ମର୍ତ୍ତ୍ୟର ମଧୁର ବନ୍ଧନ ଏବଂ
ପାର୍ଥିବ ଶୃଙ୍ଖଳାକୁ ପୁଣିଥରେ,

ଜୀବନ ବାହାରେ ଏକ ଜୀବନ ଜୀଇବାର
ଦୁରୂହ ପ୍ରଚେଷ୍ଟା ଅନବରତ ଚାଲିଥାଏ,

ଯମରାଜ କାହୁଁ ଜାଣିବେ ପ୍ରେମ ଓ ବିଶ୍ୱାସର ବଳ କୌଶଳ
ପରମାଣୁ ବୋମାଠାରୁ କେତେ ମାତ୍ରାରେ ଭୟଙ୍କର ?
ପ୍ରେମର ପ୍ରଚଣ୍ଡ ବିସ୍ଫୋରଣରେ
ବିଶ୍ୱାସର ତୀକ୍ଷ୍ଣ ନିବେଦନରେ
ସ୍ତବ୍ଧ ହୁଏ ବ୍ରହ୍ମାଣ୍ଡ
ଶୂନ୍ୟତା କ୍ଷତାକ୍ତ ହେଉଥାଏ
ମୃତ୍ୟୁ ବି ପରାସ୍ତ ହୁଏ,

ନାରୀର ଅଟଳ ସଂକଳ୍ପରେ ପରାଭୂତ ମୃତ୍ୟୁର ଦେବତା
ଫେରିଯାନ୍ତି ରିକ୍ତହସ୍ତରେ ଅନ୍ଧାରରେ,
ସାବିତ୍ରୀଙ୍କ ପୃଥିବୀରେ ଭରିଦେଇ ପ୍ରତ୍ୟୁଷର ଉଜ୍ଜ୍ୱଳତା।

ମୃତ୍ୟୁ, ଚମ ଦୃଶ୍ୟ ହୋଇପାରେ
ତଥାପି ନାଟକ ସେଠି ଶେଷ ହୁଏନାହିଁ
ପ୍ରତ୍ୟେକ ଅନ୍ତରୁ ଏକ ଆରମ୍ଭର ସୃଷ୍ଟି ହେଉଥାଏ,
ଦେହ ଓ ବିଦେହରେ
ପ୍ରେମ ଏବଂ ସ୍ୱପ୍ନର ଆଶାବାତି ଧରି
ଏ ପ୍ରାନ୍ତରୁ ସେ ପ୍ରାନ୍ତ
ଯା' ଆସ ହେଉଥାଏ ମଣିଷ ସଚରାଚର।

ମୁମ୍ବଇ
ମୋ- ୯୩୨୪୯୬୮୭୮୯

କୃଷ୍ଣଚୂଡ଼ା

ଡ. ଦୀପକ କୁମାର ମିଶ୍ର

ଋତୁମାନଙ୍କର ସବୁ ରଙ୍ଗ ଉଡ଼ିଗଲା ପରେ
ଯାହା ବଳେ ତାହା ହିଁ କୃଷ୍ଣଚୂଡ଼ା,
ଭାଗ୍ୟ ତା'ର ଡହଡ଼ହ ନିଦାଘର ଖରା
ଜାଗା ତିଳେ ମିଳେନି ଜୁଡ଼ାରେ
ନା ବାସ ତା'ର ଦିଅଁଙ୍କ କୁଡ଼ିଆ ।

ବିଭୋରପଣ ଅଛି ସତ
ବାସ୍ନା କିନ୍ତୁ ନାହିଁ
ମନଲୋଭେ ଆଖିରେ ଆଖିରେ
ଛୁଇଁବାକୁ କାହାର ଇଚ୍ଛା ହୁଏ ନାହିଁ
ଅନୁରାଗର ଗୀତ ଗାଏ ସିନା
ସାଥିଟିଏ କାହାର ସାଜେନି ।

ବୈରାଗ୍ୟର ବେହୋସ୍ ପବନରେ
ହରଦମ ହସେ ଖିଲିଖିଲି
ନିଷ୍ଠୁରତାର ନ୍ୟୁନତମ ମୂଲ୍ୟରେ ବି
ଖାଣ୍ଟି ନାଲିପଣଟା ଯାଏନି
ନହେଲା ନାହିଁ ପ୍ରେମରେ ଉପହାରଟିଏ
ବିରହ ବାଟୋଇର ମନକୁ କିନ୍ତୁ
ଟୋକେଇଏ ପ୍ରୀତିରେ
ସଦା ଦେଉଥାଏ ବୋଳି ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

ତୁମେ ଗଲାପରେ

ସସ୍ମିତା ସାମଲ

ତୁମେ ଗଲାପରେ
ତୁମେ ଆଉ ମୋ ଭିତରେ
ଦୀର୍ଘ ଦିନର ବିଚ୍ଛେଦ ପରେ
ଛବି ମୁଁ ଆଙ୍କିନି ମନର କାନଭାସରେ

ତୁମେ ଗଲା ପରେ
ଗଜରା ବାସ୍ନାହିନ ମୋ କବରୀରେ
ଅଳତାର ଗାଢରଙ୍ଗ ନାହିଁ ପାଦରେ
ଘୁଙ୍ଗୁର ଶୁଭୁନାହିଁ ପ୍ରେମର ମହଲରେ

ତୁମେ ଗଲାପରେ
ଶବ୍ଦ ସବୁ ମିଛ ଅଭିମାନରେ
ସାଜୁନାହାନ୍ତି ଆଉ ମୋ କବିତାରେ
ଅଭିଯୋଗ କଲେଣି ହୃଦୟ ପାଖରେ

ତୁମେ ଗଲା ପରେ
ତୁମ ସ୍ମୃତିର ଆଇନାରେ
ଯେତେ ମୁଁ ଦେଖିଛି ନିଜକୁ ସେଥିରେ
ଅଚିହ୍ନା ଲାଗେ ସବୁ ବିରହୀ ମନରେ

ତୁମେ ଗଲା ପରେ
ଖାଲି ତୁମରି ଅପେକ୍ଷାରେ
ହୃଦୟର ଯବନିକା ଆଗରେ
ପ୍ରେମର ବିନ୍ଦୁ ଆଉ ଝରୁନି ରାତିରେ

ତୁମେ ଗଲା ପରେ
କୁଙ୍କୁମ ସାଜୁନି ଆଉ ମୋ ମଥାରେ
କୁସୁମକୁ ମାଳି କରି ପିନ୍ଧୁନି ହାତରେ
ବିରହିଣୀ ମୁହିଁ ତୁମକୁ ହିଁ ଝୁରେ
ତୁମେ ଗଲାପରେ...

କେତୁଆପାଳ
କେନ୍ଦ୍ରାପଡ଼ା

ଦେହ -୪

ସ୍ନିଗ୍ଧା ପଣ୍ଡା

ପ୍ରଥମେ ଯେବେ ପଚାରିଥିଲି
ମୁଁ କିଏ ବୋଲି
ଆଙ୍ଗୁଠି ସବୁ ଲମ୍ବି ଆସିଥିଲା ଦେହ ଆଡ଼କୁ
ଦିନ ମାସ ବର୍ଷ ଭିତରେ
ଯାହା ବି ଘଟୁଥିଲା
ସବୁ କାର୍ଯ୍ୟର କାରଣର
ସବୁ ପ୍ରଶ୍ନର
ଉତ୍ତର ସେଇ ଗୋଟିଏ ହିଁ ଥିଲା

ସେ ହିଁ ମୋର କଥା ଓ ଗୀତ
ସ୍ୱପ୍ନ ଓ ଭବିଷ୍ୟତ
ଗଢୁଥିଲା ବଦଳେଇ ଦେଉଥିଲା
କିମ୍ବା ଭାଙ୍ଗୁଥିଲା
କେବେ ନିଜ ଭିତରୁ
ଉଙ୍କି ମାରିଥିଲା
ନିଜ ଇଚ୍ଛାର ଶବ୍ଦଟିଏ ଯଦି
ସାମ୍ନାରେ
ଠିଆ କରେଇ ଦିଆ ହେଉଥିଲା ତାକୁ
ସିଏ କହୁଥିଲା ଦେଖ୍ ନିଜକୁ

ଦିନେ ନିଜକୁ ପଚାରିଲି
ତୁ କଣ ମତେ ଚିହ୍ନିଛୁ ?
କଳା କି ଗୋରା
ଡେଙ୍ଗା କି ଗେଡ଼ା
ମୋ ନାଁ ଜାଣିଛୁ ?
ସେ କହିଲା ଜାଣେ
ତୋର ଠିକଣା ଏଇ ଦେହ
ତୋର ରୂପ ଏଇ ଦେହ
ତୁ ନିଜେ ଏଇ ଦେହ

ଏଣିକି ଏକାନ୍ତରେ ଥାଏ କି ଭିଡ଼ରେ
ସମ୍ଭାଳି ନେଲାବେଳେ ନିଜକୁ
କହିବାକୁ କିଛି ବାକି ନ ଥାଏ
ମୁଁ ଏବଂ ଅନ୍ୟମାନେ ବୁଝି ସାରିଥାଉ ଯେ
ମୋର ପରିଚୟ ମୋର ଦେହ ।

ମୋ-୯୮୬୧୩୨୩୬୫୦

ଏ ପାଖେ ଡାକୁଛି ଜୀବନ ଗୋ ସହୀ

ହରିଶ୍ଚନ୍ଦ୍ର ବେହେରା



ଏପାଖେ ଡାକୁଛି ଜୀବନ ଗୋ ସହୀ
ସେପାଖେ ମଶାଣି ଜୁଇ
ଏ ପାଖେ ଡାକୁଛି କୋଇଲିର କୁହୁ
ସେପାଖେ ନିଦାଘ ଝାଇଁ ।

କାହିଁକି କେଜାଣି କାଟିହୁଏ ନାହିଁ
ଜୀବନ ବଧୂର ମାୟା
ଯେତେ ଦୁଃଖ ଆସୁ ବଞ୍ଚି ରହିବାକୁ
ମଣିଷକୁ କରେ ବାୟା
ଆଖିର ଲୁହକୁ ଲୁଚେଇ ସେ ଚାଲେ
ଜୀବନର ଗୀତ ଗାଇ ।

ଅମାନିଆ ଢେଉ ଭାଙ୍ଗି ଦିଏ ଆସି
ବାଲି କଙ୍କଡ଼ାର ଘର
ଯେତେ ଭାଙ୍ଗିଲେବି ପୁଣି ଗଢ଼ା ହୁଏ
ଭଙ୍ଗା ଗଢ଼ା ଏ ସଂସାର
ଟିକି କଙ୍କଡ଼ା ବି ଏ କଥା ଜାଣିଛି
ମନ ମାରି ବସେ ନାହିଁ ।

ବଞ୍ଚିବା ଲାଗିତ ମରଣ ସାଥିରେ
ନିଇତି କରୁଛି ଦ୍ରୋହ
ନିର୍ଦ୍ଦୟ ନିୟତି କେଉଁ ବୁଝିପାରେ
ଅନ୍ତର ତଳ କୋହ
ଦୁଃଖରେ ତିଆରି ଜୀବନ ଯାହାର
ସୁଖ ଭସା ମେଘ ଛାଇ ।

କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

ଶେଷଦିନ

ଜୟଶ୍ରୀ ପଟ୍ଟନାୟକ

ଆଜି ତାର ଶେଷଦିନ
ସମସ୍ତଙ୍କୁ ଦେଖିବାର
ଚଢ଼େଇ ମାନଙ୍କୁ କୋଳେଇ ଧରିବାର
କିଚିରି ମିଚିରି ଶବ୍ଦ ଶୁଣିବାର
କୋଇଲିର ଲଳିତ ରାଗ ଶୁଣିବାର ।

କାଳିଠାରୁ ତା ଛାଇରେ ବସିବେନି ପିଲାମାନେ
ହମ୍ମାରଡି ଛାଡିବେନି ପଘା ବନ୍ଧା ଗାଈମାନେ
ହସିବେନି ପତ୍ର ଫୁଲ ଆଉ ଫଳ ଭାରରେ
ନଇଁବ ନାହିଁ ମଥା
ପଞ୍ଚୁଆଡି ବସିବନି ଗାଁ ମୁଖିଆର
ନ୍ୟାୟ ନିଶାପ ହେବନାହିଁ ଅପରାଧୀର ।

କାଠୁରିଆ ଦେଇ ଯାଇଛି ଖବର
ଯେତେ ଖୁସି ମନରେ ଅଛି
ସବୁ ଭୋଗ କରିନେବୁ ରାତିକ ଭିତରେ
ଏସନ ବରଷା ତୋର ଭୋଗି ହେବନାହିଁ
ବନ୍ଧା ହେବନି ରଜ ଦୋଳି ତୋ ଶାଖାରେ
କେହି ଗାଇବେନି ନାନାବାୟା ଗୀତ ତୋ ଶାଖାରେ
ପିଢ଼ି ପରେ ପିଢ଼ି ପତ୍ର, ଫୁଲ, କାଠ, ଔଷଧ ଦେବା ପରେ
ତୋ ପାଇଁ ଦରଦୀ ହୃଦୟ ଟିଏ ନାହିଁ ଲୁହ ଝାରିବାକୁ
ତୋତେ ସୁରକ୍ଷା ଦେବାର ମନ ବି ନାହିଁ
ବିଶାଳ କାୟ ହର୍ମ୍ୟଶାଳା ଗଢ଼ା ହେବାର
ଯୋଜନା ପରେ, ତୋ ଅସ୍ତିତ୍ୱ ହଜିଯିବ
କାଠୁରିଆ କି ଗଛ କଟା ଯନ୍ତ୍ରରେ
ଶେଷପ୍ରାଣର ଆର୍ତ୍ତନାଦ ବି ଶୁଭିବନି
ଯନ୍ତ୍ରପାତିର କର୍କଶ ଶବ୍ଦରେ
ମୁହଁ ମାଡି ମାଟି କାମୁଡି ପଡ଼ିଥିଲେ ବି ଭୁଇଁରେ
କେହି ତୋତେ ଲୋଡିବେ ନାହିଁ
ଛାଇ, ଫଳ, ଫୁଲ, କାଠ କି ଅମ୍ଳଜାନ ସନ୍ଧାନରେ
ହଜିଯିବ ବିସ୍ମୃତିରେ ତୋ ଅସ୍ତିତ୍ୱ
ସମୟକୁ ପଚାରିଲେ ତୋ ଠିକଣା
ସେ ଖାଲି ମାରୁଥିବ ଲମ୍ବା ଦୀର୍ଘଶ୍ୱାସ ।

ଗଙ୍ଗନଗର ଛକ
ଭୁବନେଶ୍ୱର,
ମୋ- ୭୯୭୮୧୧୦୪୭୪

ଫାଜିଲ୍ ଝିଅର କାହାଣୀ

ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

ଦୁଃଖର ପିଠିରେ
ହସର ପର ଲଗାଇ
ଉଡ଼ାଇ ଦେବାରେ ସେ ମାହିର
ଦାନ୍ତକୁ ଦରଖାସ୍ତ କରି
ଓଠର ଖାମରେ ଅଠା ଲଗାଇ
ସେ ମୁରୁକି ହସିପାରେନି ବୋଲିତ
ଆମେ ତୁମେ ସଭିଏଁ କୁହନ୍ତି
ସେ କାଳେ ଫାଜିଲ୍ ।

ଧର୍ମର ଭାଗବତ ବାଣୀ
ନବାକ୍ଷରୀ ବା ଗୁଜ୍ଜରୀ
ସେ ଜାଣିନି ସତ
କିନ୍ତୁ
କର୍ମର ରାଜରାସ୍ତାରେ
ନିଇତି ଧାଇଁଛି
କର୍ତ୍ତବ୍ୟର ନିକିତିରେ
ନିଜକୁ ତଉଲି ତଉଲି
ତାର ପରିଚୟ ହୀରା କି ଅଙ୍ଗାର
କିବା ଫାଜିଲ୍ ଝିଅର କାହାଣୀ

ସେ ମାଟିର ମାଟିଆ ରଙ୍ଗକୁ
ପାଉଡର କରି ମାଖିବା ଶିଖିଛି
ଆକାଶର ପକ୍ଷୀକୁ
ଆକର୍ଷିତ କରିବା ପାଇଁ
ସେ ଡାଳିବା ଶିଖିଛି
ବିଭିନ୍ନ ରକମର ପରଫ୍ୟୁମ

ସେ ପାଉଁଶକୁ ଛୁଇଁଛି
ଗୁଲୁଗୁଲିଆ ନିଆଁରେ
ତା ହାତକୁ ସେକିଚି ପାଉଁରୁଟି କରି

ସେ ଫ୍ରିଜ ପାଣି ନୁହେଁ
ବରଂ ମାଠିଆର ପାଣିକୁ ଭେଟିଛି
କିନ୍ତୁ ଆରସ୍ତ୍ରିମକୁ ଭୁଲିପାରିନି



ସେ ଶାଢ଼ିକୁ ପସନ୍ଦ କରେ
କଳା ରଙ୍ଗର ଶାଢ଼ି
କାଳେ ତାକୁ ଭାରି ମାନେ
ସେଦିନ ମାମୁଁ ଘରଗାଁ ପରବତରେ
ନିଧି ଅଜା କହିଥିଲେ
କିନ୍ତୁ ସେ ହଟ୍ ପ୍ୟାଣ୍ଟର
ହାଲକା ଶାନ୍ତିକୁ
ଭୁଲିବା ଶିଖିନି

ବାର ମାସର ତେର ପରବ
ସେ ପାଳେ
ଆରିସା କାକରା
ମଣ୍ଡା ଚକୁଳି
ସେ ଗଢେ
କିନ୍ତୁ ରେଷ୍ଟୁରାଣ୍ଟର ଗଦି ଚେୟାରକୁ
ସେ ଅପେକ୍ଷା ରଖେ

ମନ ଜାଣି
ମହମବତୀ ଲଗାଇବାରେ
ସେ ମାହିର

ଚିନି ଦେଖାଇ ଚକୋଲେଟ
ଖାଇବାରେ ହିଁ
ତାର ଆନନ୍ଦ

ଏତେପରେ ବି ତୁମେ କୁହ
ଏ କାଳେ ଫାଜିଲ୍ ଝିଅର କାହାଣୀ

ସେ ତୁମ ଶବ୍ଦକୁ
ସଂକୋଚରେ ନୁହେଁ
ବରଂ ସ୍ୱାଭିମାନରେ
ଫୁର୍ କରି ଉଡାଇ ଦେଇ
ତା ବର୍ଣ୍ଣବୋଧ ଲେଖେ
ଯାହାକୁ ତୁମେ କୁହ ଜୀବନ ବେଦ

ସାହାସପୁର,(ତୁରଙ୍ଗ), ଚଣ୍ଡିଖୋଲ, ଯାଜପୁର
ଦୂରଭାଷ-୬୩୭୧୯୩୭୮୮୪

କିଛି ଛୋଟ କବିତା

ମୂଳ ହିନ୍ଦୀ -ଅନିଲ କରମେଲେ
ଅନୁବାଦ -ଜିନାତମାମ୍

୧-।। କାନ୍ଦ ।।

ବାପା କୁହନ୍ତି,
କାନ୍ଦିବୁ ନାହିଁ
କାନ୍ଦିଲେ ପୂର୍ବପୁରୁଷ ଦୁଃଖ କରନ୍ତି

ମାଆ କୁହେ ମନ ଭରି କାନ୍ଦିନେବୁ
କାନ୍ଦିଲେ ଦୁଃଖ ସବୁ ଝରି ଯାଏ

ମୁଁ ମାଆକୁ ଆଲିଙ୍ଗି ଧରି
ମନ ଭରି କାନ୍ଦିଲି

ବାପାଙ୍କ ସାମ୍ନାରେ ସବୁବେଳେ ହସୁଥିଲି
ସେ ମୋର ହସିବାଟାକୁ ହିଁ କାନ୍ଦିବା
ବୋଲି ବୁଝୁଥିଲେ

୨-।।ଅନୁରାଗ ।।

ତୁମେ କୁହ
ଖୁବ ହେଲା
ଆର ଜନ୍ମରେ ମୁଁ ଘର ଚଟିଆ ହେବି

ସତ କହିବି !
ମୁଁ ବି ତୁମ ପାଇଁ କୃଷ୍ଣଚୂଡା ହେବାକୁ
ଚାହୁଁଛି

୩- ।। ବଳକା ।।

ଜୀବନର ସବୁ ଲୋଭ, ସବୁ ଇଚ୍ଛା
କେବେ ଚାହିଁ ନଥିବା ଶତ୍ରୁତା, ଚାହିଁଥିବା
ଯନ୍ତ୍ରଣା
ମୋର କ୍ରୋଧ, ଲୁହ, ମନର ଘୃଣା
ମୋର ଏଇ ଦେହ ସହ
ଦିନେ ମାଟିରେ ମିଶିଯିବେ
ରହି ଯିବ କେବଳ ପ୍ରେମରେ ଉଚ୍ଚାରିତ ଶବ୍ଦ

ଆସନ୍ତା ବସନ୍ତ, ଏଇ ମାଟିରେ
ଅନେକ ରଙ୍ଗର ଫୁଲ ଫୁଟିବ

୪-।। ଦୂରତା ।।

ଦୂରତା ଅବ୍ୟକ୍ତ ଅନ୍ୟମନସ୍କତା
ଏବଂ
ଗଭୀର ଅନୁରାଗରେ ଭରି ଦିଏ
ବ୍ୟାକୁଳିତ, ସନ୍ତପ୍ତ, ନିଜର ବୋଲି କହିବାର ଲାଳସାରେ
ହାହାକାରରେ ବୁଡି ଯାଏ

ଉତ୍ତପ୍ତ ବାଲିର ରାସ୍ତା ଚାଲି ହିଁ
ପ୍ରେମ ନିମ୍ବ ଗଛର ଛାଇ ତଳେ ବିଶ୍ରାମ ନିଏ

ଏକ ଅଦୃଶ୍ୟ ମୃତ୍ୟୁ ସବୁବେଳେ ତାର ପଛେ ପଛେ ଗୋଡାଉ ଥାଏ

୫-।। ଅନୁବାଦ ।।

ମୋ ଭାଷାର ତମାମ ଶବ୍ଦ
ତୁମ ମୌନତାର ଅନୁବାଦ ପାଇଁ
ଅସମର୍ଥ ହୁଏ ।

୬- ।। ଦିନେ ।।

ସ୍ମୃତିକୁ ଆଡେଇ ଦେଇ
ଦିନେ ଲୁହ ପୋଛିବାକୁ ପଡେ
କୋହ ଭରା କେତେ ସ୍ୱର ଗଳା ଭିତରେ ହିଁ ଦବିଯାଏ
ଜଣେ କେତେ ଦିନ ଯାଏ
କାନ୍ଦି କାନ୍ଦି ରହି ପାରିବ !

ଧୀରେ ଧୀରେ ସବୁ ଇନ୍ଦ୍ରିୟ
ପୁଣି ଥରେ ସକ୍ରିୟ ହୁଏ

ଆଉ ଦିନେ ଆମ ନିଜକୁ ପାଉ
ବସନ୍ତ ପାଇଁ ପ୍ରତୀକ୍ଷାରତ ଭାବେ।

30 YEARS
ସମୟ କଳିକା
ଭୁବନେଶ୍ୱର,୦୭ ଜୁନ୍, ଶୁକ୍ରବାର, ୨୦୨୪

୯ରେ ଭାରତ-ପାକିସ୍ତାନ ମ୍ୟାଚ୍ : ଅତିରିକ୍ତ ଟିକେଟ୍ ବିକିବ ଆଇସିସି

ନ୍ୟୁୟର୍କ

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ସହିତ ଆଉ କିଛି ବଡ଼ ମ୍ୟାଚ୍‌ଗୁଡ଼ିକ ପାଇଁ ଆଇସିସି ପକ୍ଷରୁ ଅତରିକ୍ତ ଟିକେଟ୍ ବିକ୍ରି କରାଯିବ। ଟିକେଟ୍ ଗୁଡ଼ିକ ଖୁବ୍‌ଶୀଘ୍ର ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ବୋଲି କୁହାଯାଇଛି। ଉକ୍ତ ମ୍ୟାଚ୍‌ଗୁଡ଼ିକ ପାଇଁ ପ୍ରଶଂସକମାନଙ୍କ ମଧ୍ୟରେ ଚାହିଦା ଅଧିକ ଥିବାରୁ ଆଇସିସି ତାହାର ସହଯୋଗୀଙ୍କ ସହିତ ମିଶି ଅତିରିକ୍ତ ଟିକେଟ୍ ବିକ୍ରି କରିବ। ଭାରତ-ପାକିସ୍ତାନ ମ୍ୟାଚ୍ ବ୍ୟତୀତ ଟେକ୍ସାସ୍‌ସ୍ଥିତ ଗ୍ରାଣ୍ଡ ପ୍ରାଇରି କ୍ରିକେଟ୍ ଷ୍ଟାଡିୟମ୍ ଓ ଫ୍ଲୋରିଡ଼ାସ୍ଥିତ ବ୍ରୋୱାର୍ଡ କାଉଣ୍ଟି ଷ୍ଟାଡିୟମ୍‌ରେ ହେବାକୁ ଥିବା କିଛି ମ୍ୟାଚ୍‌ଗୁଡ଼ିକ ପାଇଁ ଅତରିକ୍ତ ଟିକେଟ୍ ବିକ୍ରି କରାଯିବ।

ଏଥରର ଟ୍ୱେଣ୍ଟି-୨୦ ବିଶ୍ୱକପ ଜିତି ଭାରତ ଗୋଟିଏ ଦଶନ୍ଧିରୁ ଅଧିକ ସମୟ ହେବ ଆଇସିସି ଟ୍ରଫି ନଜିତିବାର ଦୁଃଖକୁ ଦୂର କରିବ ବୋଲି ପ୍ରଶଂସକ ଆଶା ରଖିଛନ୍ତି। ଗତଥର ବିଜେତା ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ଭଳି ଦଳ ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌କୁ ନେଇ ନିଜନିଜର ଦାବି ଉପସ୍ଥାପନା କରୁଥିଲା ବେଳେ ସମଗ୍ର ବିଶ୍ୱର ନଜର କିନ୍ତୁ ରହିଛି ଭାରତୀୟ ଦଳ ଉପରେ। ସର୍ବାଧିକ ଲୋକପ୍ରିୟ ଦଳ ଭାବେ ରୋହିତ ବାହିନୀ ପାଲଟିଛି ଆକର୍ଷଣର କେନ୍ଦ୍ରବିନ୍ଦୁ। ସେହିଭଳି ଭାରତ-ପାକିସ୍ତାନ ଟ୍ୱେଣ୍ଟି-୨୦ ବିଶ୍ୱକପ ମ୍ୟାଚ୍‌କୁ ନେଇ ଆମେରିକାରେ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି। ୯ ତାରିଖର ଏହି ମ୍ୟାଚ୍ ଲାଗି ଆୟୋଜକ ନ୍ୟୁୟର୍କ ସହର ମଧ୍ୟ ବେଶ୍ ଚଳଚଞ୍ଚଳ ରହିଛି। ଏହି ମ୍ୟାଚ୍ ପୂର୍ବରୁ ୨୦୦୭ ମସିହାର ଦୁଇଟି ମ୍ୟାଚ୍‌କୁ ମିଶାଇ ଭାରତ ଓ ପାକିସ୍ତାନ ଟ୍ୱେଣ୍ଟି-୨୦

ବିଶ୍ୱକପ୍‌ରେ ୭ଥର (୨୦୦୭ ଲିଗ ଓ ଫାଇନାଲ୍, ୨୦୧୨, ୨୦୧୪, ୨୦୧୬, ୨୦୨୧ ଓ ୨୦୨୨) ମୁହାଁମୁହିଁ ହୋଇଛନ୍ତି। କେବଳ ୨୦୦୯ ଓ ୨୦୧୦ରେ ଏହି ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ପରସ୍ପରକୁ ଭେଟି ନଥିଲେ। ସେଥିମଧ୍ୟରୁ ଭାରତ ୬ଥର ବିଜେତା ହୋଇଥିଲା ବେଳେ ପାକିସ୍ତାନ କେବଳ ଥରେ ଜିତିଛି। ଏଣୁ ଉଭୟ ଏଥର ମ୍ୟାଚ୍ ଜିତି ପ୍ରଶଂସକଙ୍କୁ ଖୁସ୍ କରିବା ଲକ୍ଷ୍ୟରେ ରହିଛନ୍ତି। ତେବେ ପରିସଂଖ୍ୟାନ ସହ ବିଶ୍ୱ ମାନ୍ୟତାରେ ଭାରତ (୨), ପାକିସ୍ତାନ (୬)ଠାରୁ ଟିକିଏ ସୁବିଧାଜନକ ସ୍ଥିତିରେ ଅଛି। ତେବେ ଏହି ପ୍ରତୀକ୍ଷିତ ମ୍ୟାଚ୍ ଖେଳାଯିବାକୁ ଥିବା ନାସାଉ ଅନ୍ତର୍ଜାତୀୟ କାଉଣ୍ଟି ଷ୍ଟାଡିୟମ୍‌ର ଅସାମାନ୍ୟ ପିଚ୍ ଓ ଢିଲା ଆଉଟ୍‌ଫିଲ୍ଡ ଉଭୟ ଦଳର ମୁଣ୍ଡ ବ୍ୟଥା ବଢ଼ାଇଛି। ମାନ୍ୟତା ସହ ଦଳୀୟ ସନ୍ତୁଳନ ଦୃଷ୍ଟିରୁ ଭାରତର ପଲା ଏହି ମ୍ୟାଚ୍‌ରେ ଭାରୀ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ୨୦୨୨ରେ ଖେଳାଯାଇଥିବା ଗତ ମୁକାବିଲାରେ ମଧ୍ୟ ଭାରତ ବିଜୟୀ ହୋଇଥିଲା। ଏହି ମହାମୁକାବିଲା ପରେ ଭାରତ ୧୨ ତାରିଖରେ ଆମେରିକା ଏବଂ ୧୫ ତାରିଖରେ କାନାଡ଼ାକୁ ଭେଟି ଲିଗ୍ ଅଭିଯାନ ଶେଷ କରିବ। ଭାରତ ଚଳିତ ସଂସ୍କରଣରେ ପାକିସ୍ତାନ, ଆୟର୍ଲାଣ୍ଡ, କାନାଡ଼ା ଓ ଆୟୋଜକ ଆମେରିକା ସହ ଗ୍ରୁପ୍ ଏରେ ସ୍ଥାନ ପାଇଛି। ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ଜିତିଛି।

ଭାରତୀୟ ଦଳରେ ଥିବା ଅଧିକାଂଶ ଖେଳାଳି ବ୍ୟକ୍ତିଗତ ଭାବେ ଆଇପିଏଲ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବାରୁ ପାକିସ୍ତାନ ମ୍ୟାଚ୍ ସହ ସମଗ୍ର ବିଶ୍ୱକପ୍‌ରେ ଦଳଗତ ଭାବେ ଏହି ସଫଳତା ଦୋହରାଇବେ ବୋଲି ଆଶା ରଖିଛନ୍ତି। ସମର୍ଥକ ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଆଇପିଏଲ୍ ବିଫଳତାକୁ ଭୁଲି ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେହିଭଳି ହିଟ୍‌ମ୍ୟାନ ରୋହିତ ଶର୍ମା ମଧ୍ୟ ଦାୟିତ୍ୱସଂପନ୍ନ ପାଳି ଖେଳିଛନ୍ତି। ଆଇପିଏଲ୍‌ର ନାରଙ୍ଗୀ ଟୋପି ଅଧିକାରୀ କୋହଲି ଅବଶ୍ୟ ବିଫଳ ହୋଇଛନ୍ତି। ତେବେ ସୂର୍ଯ୍ୟକୁମାର ଯାଦବ, ବିସ୍ଫୋରକ ଋଷଭ ପନ୍ତ ଓ ଶିବମ ଦୁବେଙ୍କ ରୂପରେ ଦଳରେ ବହୁ ମ୍ୟାଚ୍ ବିଜୟୀ ବ୍ୟାଟର ପାକିସ୍ତାନ ବୋଲରଙ୍କୁ ଘାଇଲା କରିବାକୁ ପୂରା ପ୍ରସ୍ତୁତ। ଦଳରେ ରବୀନ୍ଦ୍ର ଜାଡ଼େଜା, ଅକ୍ଷର ପଟେଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଅଲ୍‌ରାଉଣ୍ଡର ଅଛନ୍ତି। ଦ୍ରୁତ ବୋଲିଂ ବାହିନୀରେ ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ ଓ ମହମ୍ମଦ ସିରାଜଙ୍କ ଭଳି ଯୋଦ୍ଧା ପ୍ରତିପକ୍ଷକୁ ଡରାଇବାକୁ ପୂରା ପ୍ରସ୍ତୁତ ରହିଛନ୍ତି। ପୁଣି ସ୍ପିନ ବିଭାଗକୁ ସମୃଦ୍ଧ କରୁଛନ୍ତି ୟୁଝବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ। କାର ଦୁର୍ଘଟଣା ପାଇଁ ପାଖାପାଖି ଦେଢ଼ବର୍ଷର ବ୍ୟବଧାନ ପରେ କ୍ରିକେଟ୍‌କୁ ଫେରି ଋଷଭ ପନ୍ତ କେବଳ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଇ ନଥିଲେ, ବ୍ୟକ୍ତିଗତ ଭାବେ ମଧ୍ୟ ଆଶାଠାରୁ ଉନ୍ନତ ପ୍ରଦର୍ଶନ କରିଥିଲେ।

ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ପାର୍କିଙ୍ଗ ଫି ୧ଲକ୍ଷ : ନବଜୋତ ସିଂ ସିଦ୍ଧୁ

ନୂଆଦିଲ୍ଲୀ

ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଜୁନ୍ ୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଟି-୨୦ ବିଶ୍ୱକପ ଖେଳାଯିବ। ଏହି ମହା ଲଢେଇ ଆରମ୍ଭ ହୋଇସାରିଥିବା ବେଳେ ଜୁନ ୯କୁ ପ୍ରତ୍ୟେକ ଭାରତୀୟ ଅପେକ୍ଷା କରି ରହିଛନ୍ତି। କାରଣ ଏହି ଦିନ ଭାରତ ଓ ପାକିସ୍ତାନ ମଧ୍ୟରେ କଡ଼ା ମୁକାବିଲା ହେବ। ଏଥି ପାଇଁ ୨ ଦଳ ପ୍ରସ୍ତୁତ ଥିବା ବେଳେ ମ୍ୟାଚ ବେଳେ ଷ୍ଟାଡିୟମର ପାର୍କିଙ୍ଗ ଫି କେତେ ରହିବ ତାହା ସାମ୍ନାକୁ ଆସିଛି।

ବରିଷ୍ଠ କ୍ରିକେଟର ନବଜୋତ ସିଂହ ସିଦ୍ଧୁ ଏହି ସୂଚନା ଦେଇଛନ୍ତି। ମ୍ୟାଚଟି ନିୟୁୟର୍କରେ ହେବାକୁ ଥିବା ବେଳେ ସମସ୍ତ ଟିକେଟ ବିକ୍ରି ସରିଛି। କୁହାଯାଉଛି ଯେ, ଷ୍ଟାଡିୟମକୁ ଆସିବାକୁ ଥିବା ଲୋକଙ୍କୁ ୧୨୦୦ ଡଲାର ପାର୍କିଙ୍ଗ ଫି' ଦେବାକୁ ହେବ। ଭାରତୀୟ ମୁଦ୍ରାରେ ଏହା ୧ ଲକ୍ଷ ଟଙ୍କା। କମେଣ୍ଟ୍ରି ସମୟରେ ସିଦ୍ଧୁ ଏହି ସୂଚନା ଦେଇଥିଲେ। ତାଙ୍କ ଗାଡ଼ି ଡ୍ରାଇଭର ତାଙ୍କୁ ଏହି ସୂଚନା ଦେଇଥିବା ସେ କହିଥିଲେ। ପୂର୍ବରୁ ରହିବା ପାଇଁ ହୋଟେଲମାନଙ୍କର ଭଡ଼ା ଅଧିକ ବଢ଼ାଇ ଦିଆଯାଇଥିବା ବେଳେ ଏବେ ପାର୍କିଙ୍ଗ ଫି' ବଢିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଟି-୨୦ ମାନ୍ୟତା : ଶୀର୍ଷରେ ସୂର୍ଯ୍ୟକୁମାର

ନୂଆଦିଲ୍ଲୀ

ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଅନରିକ ନର୍ଖିୟା ଆଇସିସି ଟି-୨୦ ବୋଲରଙ୍କ ମାନ୍ୟତାରେ ଶୀର୍ଷ ୧୦ରେ ପହଞ୍ଚିଛନ୍ତି। ଚଳିତ ବିଶ୍ୱକପ୍‌ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ସେ ମ୍ୟାଚ୍ ବିଜୟୀ ସ୍ପେଲ୍ (୪/୭) ପକାଇଥିବାରୁ ଏଭଳି ପୁରସ୍କାର ପାଇଛନ୍ତି। ସଦ୍ୟପ୍ରକାଶିତ ତାଲିକାରେ ୯ଟି ସ୍ଥାନ ଉପରକୁ ଲମ୍ଫ ମାରି ଅଷ୍ଟମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେ ଶୀର୍ଷ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇବାରେ ଅଷ୍ଟ୍ରେଲିଆର ଜୋସ୍ ହାଜଲ୍‌ଉଡ୍ (ପଞ୍ଚମ)ଙ୍କ ପରେ ଦ୍ୱିତୀୟ ଦ୍ରୁତ ବୋଲର ହୋଇଛନ୍ତି। ଇଂଲଣ୍ଡର ସ୍ପିନର ଅଦିଲ ରସିଦ ଶୀର୍ଷରେ ଥିବା ବେଳେ ଭାରତୀୟ ସ୍ପିନର ଅକ୍ଷର ପଟେଲ୍ ଓ ରବି ବିଷ୍ଣୋଇ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ବାଂଲାଦେଶର ସକିବ୍ ଆଦିଲ୍ ହାସନ୍ ଅଲ୍‌ରାଉଣ୍ଡରଙ୍କ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖି ଥିଲା ବେଳେ ଭାରତୀୟ ଖେଳାଳି ସୂର୍ଯ୍ୟକୁମାର ଯାଦବ ବ୍ୟାଟର୍‌ଙ୍କ ତାଲିକାରେ ଶୀର୍ଷ ସ୍ଥାନରେ ସ୍ଥିର ଅଛନ୍ତି। ଫିଲ୍ ସଲ୍ଟ ଦ୍ୱିତୀୟ, ପାକିସ୍ତାନର ମହମ୍ମଦ ରିଜାନ ଓ ବାବର ଆଜମ୍ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି।

THE GAZETTE OF INDIA : EXTRAORDINARY XXIV-01

MINISTRY OF RAILWAYS

(East Coast Railway)

NOTIFICATION

Bhubaneswar, the 18th January, 2024

Notice under Section 20A of the Railways Act - 1989

S.O. 248 (E), In exercise of powers conferred by sub-section (I) of section 20A of the Railways (Amendment) Act.1989 (24/89) (herein after referred as the said Act..), the Central Government, after being satisfied that for the public purpose, the land, brief description of which is given in the schedule annexed here to is required for the execution of **Special Railway Project** namely, **"Construction of Flyover at Haridaspur to connect Haridaspur - Paradeep Lihne (4.73 Km.)"** in Jajpur district in the state of Odisha, hereby declares its intention to acquire such land.

Any person interested in the said land may within a period of thirty days from the date of publication of the notification in the Official Gazette, raise objection to the acquisition of such land for the aforesaid purpose under sub-section (I) of section 20 D of the said Act.

Every objection shall the made to the competent authority, namely. **Spl. Land Acquisition Officer, Construction of Flyover at Haridaspur to connect Haridaspur- Paradeep Line (4.73Km.)** in writing, and shall set out grounds (hereof and competent authority shall give the objector an opportunity of being heard, either in person or through a legal practitioner, and may, after hearing all such objections and after making such further inquiry, if any, as the competent authority thinks necessary, by order, either allow or disallow the objections.

Any order made by the competent authority under sub-section (2) of 20D of the said Act shall be final.

The land plans and other details of the land covered under this notification are available and can be inspected by the interested person at the aforesaid office of the competent authority,

SCHEDULE

Brief description of land (Annexure-I) attached here with to be acquired with or without structures, for Special Railway Project, namely "Construction of Flyover at Haridaspur to connect Haridaspur- Paradeep Line (4.73 Km.)" in Jajpur district in the state of Odisha.

Name of District - Jajpur

Sl. No.	Name of Village	Khata No	Khasra/ Plot No	Total area (in hector)	Acquired area (in hector)	Kisam of Land	type of Land
1	Kusulia	141/31	192	0.06880	0.01538	Gharabari	Private
2	Kusulia	141/95	193	0.08499	0.10765	Sarada Anajala Sechita - II	Private
3	Kusulia	141/94	193/618			Sarada Anajala Sechita - II	Private
4	Kusulia	141/42	194	0.10522	0.05099	Sarada Anajala Sechita - II	Private
		Sub Total (Kusulia)			0.17402		
5	Ransola Jorapan	21	45/154	0.10117	0.09753	Sarada-II	Private
6	Ransola Jorapan	42/3	45	0.23068	0.17847	Gharaban	Private
7	Ransola Jorapan	42/3	42	0.48563	0.15743	Gharaban	Private
8	Ransola Jorapan	42/3	43	0.53420	0.24444	Gharaban	Private
9	Ransola Jorapan	42/3	44	0.12950	0.12950	Gharaban	Private
10	Ransola Jorapan	42/3	39	0.06880	0.03035	Gharaban	Private
11	Ransola Jorapan	42/3	40	0.06475	0.02590	Gharaban	Private
12	Ransola Jorapan	42/3	41	0.06880	0.06880	Gharaban	Private
13	Ransola Jorapan	14	1	2.87333	0.11048	Sarada-II	Private
14	Ransola Jorapan	5	32	0.04856	0.01619	Sarada-II	Private
15	Ransola Jorapan	4	33	0.12141	0.08256	Sarada-II	Private
16	Ransola Jorapan	4	33/128	0.06475	0.05342	Sarada-II	Private
17	Ransola Jorapan	4	35	0.06475	0.00648	Jalasaya-II	Private
		Sub Total (Ransola)			1.20154		
18	Charibatia	256/142	327	0.45326	0.39093	Chaka	Private
19	Charibatia	105	326	0.24282	0.03238	Chaka	Private
20	Charibatia	256/328	336	0.38851	0.17038	Chaka	Private
21	Charibatia	15	328	0.20235	0.18454	Chaka	Private
22	Charibatia	8	335	0.04452	0.00567	Chaka	Private
23	Charibatia	113	329	0.33590	0.33185	Chaka	Private
24	Charibatia	256/156	330	0.12141	0.11696	Chaka	Private
25	Charibatia	139	331	0.25091	0.04573	Chaka	Private
26	Charibatia	240	295	0.47349	0.39215	Chaka	Private
27	Charibatia	163	294	0.13760	0.13760	Chaka	Private
28	Charibatia	256/100	293	0.29543	0.13314	Gharaban	Private
29	Charibatia	82	296	0.22663	0.15702	Chaka	Private
30	Charibatia	93	297	0.84176	0.03723	Chaka	Private
31	Charibatia	204	281	0.88223	0.10158	Chaka	Private
32	Charibatia	256/229	290	0.14569	0.03845	Gharabari	Private
33	Charibatia	172	289	0.14569	0.09065	Chaka	Private
34	Charibatia	256/318	288	0.04723	0.37272	Gharabari	Private
35	Charibatia	62	287	0.06880	0.05747	Chaka	Private
36	Charibatia	256/202	284	0.09713	0.09713	Gharabari	Private
37	Charibatia	256/349	283	0.25900	0.04290	Gharabari	Private
38	Charibatia	183	285	0.39660	0.03885	Chaka	Private
39	Charibatia	67	395	0.16997	0.09591	Chaka	Private
40	Charibatia	123	396	0.16188	0.02347	Chaka	Private
41	Charibatia	256/204	415	0.50992	0.40348	Gharabari	Private
42	Charibatia	256/257	399	0.14164	0.06475	Gharabari	Private
43	Charibatia	32	414	0.31161	0.29988	Chaka	Private
44	Charibatia	130	413	0.16997	0.16997	Chaka	Private
45	Charibatia	161	412	0.13760	0.13719	Chaka	Private
46	Charibatia	256/232	411	0.04047	0.04047	Chaka	Private
47	Charibatia	25	408	0.14974	0.14043	Chaka	Private
48	Charibatia	256/365	409	0.04856	0.17807	Gharabari	Private
49	Charibatia	256/363	409/485	0.07017		Gharabari	Private
50	Charibatia	256/364	409/486	0.05933		Gharabari	Private
51	Charibatia	223	410	0.03238	0.03238	Chaka	Private
52	Charibatia	256/207	428	0.21854	0.06111	Chaka	Private
53	Charibatia	224	423	0.61514	0.18414	Chaka	Private
54	Charibatia	212	421	0.19021	0.05747	Chaka	Private
55	Charibatia	256/188	420	0.45326	0.09025	Chaka	Private
56	Charibatia	256/188	406	0.17402	0.11129	Chaka	Private
57	Charibatia	130	407	0.13355	0.13355	Chaka	Private
58	Charibatia	256/64	404	0.06475	0.04735	Chaka	Private
59	Charibatia	187	405	0.08903	0.03157	Chaka	Private
60	Charibatia	251	370	0.33590	0.07932	Chaka	Private
		Sub Total (Charibatia)			5.35735		
61	Subhadrapur	2	54	0.11736	0.00648	Chaka	Private
62	Subhadrapur	204	47	0.56657	0.25658	Chaka	Private
63	Subhadrapur	124	48	0.03642	0.03238	Chaka	Private
64	Subhadrapur	244/120	55	0.23472	0.15702	Chaka	Private
65	Subhadrapur	157	56	0.08094	0.04937	Chaka	Private
66	Subhadrapur	23	57	0.08499	0.03723	Chaka	Private
67	Subhadrapur	229	43	0.04047	0.04047	Chaka	Private
68	Subhadrapur	104	44	0.02023	0.02023	Chaka	Private
69	Subhadrapur	244/85	45	0.06880	0.06880	Chaka	Private
70	Subhadrapur	83	46	0.08499	0.08499	Chaka	Private
71	Subhadrapur	99	413	0.27115	0.26548	Chaka	Private
72	Subhadrapur	221	414	0.06475	0.06475	Chaka	Private
73	Subhadrapur	244/5	415	0.07689	0.05544	Gharabari	Private
74	Subhadrapur	244/41	412	0.22663	0.21125	Chaka	Private
75	Subhadrapur	162	410	0.60299	0.24889	Chaka	Private
76	Subhadrapur	6	429	0.48563	0.02590	Chaka	Private
77	Subhadrapur	169	411	0.20639	0.20639	Chaka	Private
78	Subhadrapur	244/7	416	0.59895	0.35006	Chaka	Private
79	Subhadrapur	87	407	0.04856	0.00850	Chaka	Private
80	Subhadrapur	244/30	406	0.07689	0.05747	Gharabari	Private
81	Subhadrapur	244/9	405	0.06880	0.06880	Chaka	Private
82	Subhadrapur	67	404	0.13760	0.13760	Chaka	Private
83	Subhadrapur	D1 -244/3	403	0.12546	0.12546	Chaka	Private
84	Subhadrapur	244/108	402	0.41279	0.23877	Gharabari	Private
85	Subhadrapur	106	379	0.47754	0.00769	Chaka	Private
86	Subhadrapur	186	384	0.39660	0.16471	Chaka	Private
87	Subhadrapur	172	385	0.08094	0.05625	Chaka	Private
88	Subhadrapur	197	386	0.10927	0.10927	Chaka	Private
89	Subhadrapur	155	387	0.66370	0.22177	Chaka	Private
90	Subhadrapur	220	389	0.13760	0.13760	Chaka	Private
91	Subhadrapur	231	388	0.16188	0.10805	Chaka	Private
92	Subhadrapur	130	390	0.06880	0.06880	Chaka	Private
93	Subhadrapur	244/51	391	0.35208	0.30635	Chaka	Private
94	Subhadrapur	244/4	392	0.56253	0.10967	Chaka	Private
95	Subhadrapur	76	358	0.32780	0.25051	Chaka	Private
96	Subhadrapur	45	357	0.70417	0.21773	Chaka	Private
97	Subhadrapur	44	359	0.08499	0.04209	Chaka	Private
98	Subhadrapur	244/121	343	0.13760	0.13760	Chaka	Private
99	Subhadrapur	161	344	0.15378	0.04168	Chaka	Private
100	Subhadrapur	153	360	0.55848	0.10401	Chaka	Private
101	Subhadrapur	96	342	0.25496	0.25293	Chaka	Private
102	Subhadrapur	46	345	0.37232	0.25496	Chaka	Private
103	Subhadrapur	127	341	0.17807	0.05747	Chaka	Private
104	Subhadrapur	235	340	0.22663	0.22663	Chaka	Private
105	Subhadrapur	201	339	0.29947	0.06597	Chaka	Private
106	Subhadrapur	244/47	361	0.90247	0.33428	Chaka	Private
107	Subhadrapur	76	338	0.18616	0.18090	Chaka	Private
108	Subhadrapur	244/122	335	0.46540	0.43707	Chaka	Private
109	Subhadrapur		336		0.01012		
		Sub Total			6.72238		
110	Neulapur	1038/234	499	0.04047	0.01416	Patita	Private
111	Neulapur	666	498	0.04047	0.02833	Patita	Private
112	Neulapur	705	497	0.08094	0.02673	Patita	Private
113	Neulapur	1038/79	596	0.12546	0.10522	Patita	Private
114	Neulapur	1038/79	597	0.08903	0.08094	Patita	Private
115	Neulapur	935	599	0.02631	0.04452	Patita	Private
116	Neulapur	1038/346	599/3014	0.02631		Patita	Private
117	Neulapur	841	609	0.02023	0.01619	Patita	Private
118	Neulapur	882	610	0.01619	0.00405	Patita	Private
119	Neulapur	1038/181	611	0.09308	0.07811	Patita	Private
120	Neulapur	1038/243	612	0.02833	0.02550	Gharabari	Private
121	Neulapur	1038/265	613	0.01214	0.01214	Gharabari	Private
122	Neulapur	843	614	0.08903	0.01174	Chaka	Private
123	Neulapur	38	616	0.22663	0.03602	Chaka	Private
124	Neulapur	38	615	0.06475	0.04047	Chaka	Private
125	Neulapur	1038/90	2581	0.03238	0.02833	Sarada -II	Private
126	Neulapur	878	2576	0.08499	0.06192	Chaka	Private
127	Neulapur	497	2575	0.09308	0.08094	Chaka	Private
128	Neulapur	1038/238	2577	0.35208	0.05018	Gharabari	Private
129	Neulapur	965	2566/2952	0.05261	0.05261	Gharabari	Private
130	Neulapur	925	2565	0.22663	0.08256	Patita	Private
131	Neulapur	189	2557	0.04452	0.03318	Sarada- I	Private
132	Neulapur	1038/418	2547	0.03238	0.03238	Gharabari	Private
133	Neulapur	887	2553	0.11736	0.03076	Gharabari	Private
134	Neulapur	570	2543	0.02833	0.01983	Gharabari	Private
135	Neulapur	1038/1032	2542	0.02023	0.00931	Sarada -I	Private
136	Neulapur	830	2541	0.00809	0.00809	Gharabari	Private
137	Neulapur	752	2762	0.03238	0.01335	Gharabari	Private
138	Neulapur	752	2540/2765	0.00809	0.00809	Gharabari	Private
139	Neulapur	1038/190	2516	0.70012	0.20235	Chaka	Private
		Sub Total (Neulapur)			1.23998		

[F. No. DCFC JJKR Pvt. Land Land HDS Flyover]

S.K. PARIDA, Chief Engineer (Con-III)

OIPR-24067/14/0001/2425

ପୁଣି କ୍ରୀଡ଼ାରେ ଚମକାଇଲେ ନରଣପୁରର ପ୍ରଶିକ୍ଷକ ଓ ଖେଳାଳି

କେନ୍ଦୁଝର, ନ୍ୟୁଜ୍

୭୦ତମ ଓଡ଼ିଶା ରାଜ୍ୟ ଆଥ୍‌ଲେଟିକ ମିଟ୍ କ୍ରୀଡ଼ା ପ୍ରତିଯୋଗିତାରେ କେନ୍ଦୁଝରର ପ୍ରଦର୍ଶନ ଖୁବ୍ ଭଲ ରହିଛି । ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ସ୍ଥାନୀୟ ନରଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ସମରଜିତ ସିଂହଙ୍କ ତତ୍ତ୍ୱାବଧାନରେ କେନ୍ଦୁଝରର ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ବିଭାଗର ଅନେକ ଖେଳାଳି ସେମାନଙ୍କ ଅଶେଷ ଦକ୍ଷତା ପ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୭ ଜୁନ୍ ୨୦୨୪ ଶୁକ୍ରବାର

ସାବିତ୍ରୀ ଅମାବାସ୍ୟାର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ପବିତ୍ର ସାବିତ୍ରୀ ଅମାବାସ୍ୟାର ଶୁଭେଚ୍ଛା ଜଣାଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପର୍ବ 'ସାବିତ୍ରୀ ଅମାବାସ୍ୟା' ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ।

ଭୁବନେଶ୍ୱର : ସାବିତ୍ରୀ ବ୍ରତ ପାଳନ ଅବସରରେ କିନ୍ନରମାନେ ପୂଜାର୍ଚ୍ଚନା କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ଅନ୍ତର୍ଜାତୀୟ ଲେଭେଲ୍ କ୍ରସିଙ୍ଗ ସଚେତନତା ଦିବସ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ଆନ୍ତର୍ଜାତୀୟ ଲେଭେଲ୍ କ୍ରସିଙ୍ଗ ସଚେତନତା ଦିବସ ପାଳନ କରାଯାଇଛି । ଲକ୍ଷ୍ୟ ହେଉଛି ସଡକ ବ୍ୟବହାରକାରୀଙ୍କ ମଧ୍ୟରେ ଲେଭେଲ କ୍ରସିଙ୍ଗ ସୁରକ୍ଷା ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ଲେଭେଲ କ୍ରସିଙ୍ଗଠାରେ ଦୁର୍ଘଟଣାକୁ ଏଡ଼ାଇବା । କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଖୋର୍ଦ୍ଧା ରୋଡ଼ ମଣ୍ଡଳ, ହରିପୁରଗ୍ରାମ ଜଙ୍କସନ ରେଳ ଷ୍ଟେସନ ନିକଟ ଲେଭେଲ କ୍ରସିଙ୍ଗ ଗେଟ ସଂଖ୍ୟା କେପି-୨ ଠାରେ ଜନସାଧାରଣଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସଚେତନତା ପାଇଁ ଲେଭେଲ କ୍ରସିଙ୍ଗ ଗେଟଠାରେ

ସୁରକ୍ଷା ସତର୍କତା ପାଇଁ ଜନ ପରାମର୍ଶ, ଲିଫ୍ଲେଟ ବଣ୍ଟନ, ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନ ଏବଂ ସ୍ଲୋଗାନ ଇତ୍ୟାଦି ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ସିଭିଲ ଡିଫେନ୍ସ ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଏକ ପ୍ରଥପ୍ରାନ୍ତ ନାଟକ ମଧ୍ୟ ଆୟୋଜିତ ହୋଇଥିଲା । ଏହି ପ୍ରଥପ୍ରାନ୍ତ ନାଟକ ଦ୍ୱାରା ଜନସାଧାରଣଙ୍କୁ ଶିକ୍ଷିତ କରାଯାଇଥିଲା ଯେ ଟ୍ରେନ ଫାଟକ ଅତିକ୍ରମ କରିବା ପାଇଁ ମାତ୍ର କିଛି ସେକେଣ୍ଡ ସମୟ ନେଇଥାଏ, ତେଣୁ ଫାଟକ ବନ୍ଦ ଥିବା ସମୟରେ ଜନସାଧାରଣ ଧୈର୍ଯ୍ୟ ରଖନ୍ତୁ ଆଉ ଗେଟ୍ ବନ୍ଦ ଥିଲା ବେଳେ ରେଳ ଟ୍ରାକ ଅତିକ୍ରମ କରନ୍ତୁ ନାହିଁ । ଏହି ସଚେତନତା କାର୍ଯ୍ୟକ୍ରମରେ, ଶ୍ରୀ ଶୁଭ୍ର ଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫା), ଖୋର୍ଦ୍ଧା ରୋଡ଼, ଏସ. ସି. ବେହୁରିଆ, ଡେପୁଟି ମୁଖ୍ୟ ନିରାପତ୍ତା ଅଧିକାରୀ, ପୂର୍ବ ତଟ ରେଲୱେ, ଏବଂ ଶ୍ରୀ ଲିଙ୍ଗରାଜ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ (କାର୍ଯ୍ୟକାରୀ), ଖୋର୍ଦ୍ଧା ରୋଡ଼, ଲେଭେଲ କ୍ରସିଙ୍ଗ ଠାରେ ଉପସ୍ଥିତ ଥିଲେ । ଶ୍ରୀ ଡି.କେ. ମଲ୍ଲିକ, ଅତିରିକ୍ତ ମଣ୍ଡଳ ନିରାପତ୍ତା ଅଧିକାରୀ, ଖୋର୍ଦ୍ଧା ରୋଡ଼, ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

ଭୂମିର ଅବକ୍ଷୟକୁ ସୀମିତ ରଖିବାପାଇଁ ସାମୁହିକ ପଦକ୍ଷେପ ନିମନ୍ତେ ଆହ୍ୱାନ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ
ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନସାଫ, ଜିଲ୍ଲା ଜଗତସିଂହପୁର ପ୍ରକୃତି ବନ୍ଧୁ ପରିଷଦ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଜଗତସିଂହପୁର ଶାଖାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଯାଇଛି । ଉଦଘାଟକ ଭାବେ ଶିଶୁଅନନ୍ତ ଆଶ୍ରମ ଅରିଲୋର ପ୍ରବଚକ ତଥା ପରିବେଷବିତ ଡକ୍ଟର ଚିଦାନନ୍ଦ ବ୍ରହ୍ମଚାରୀ ଯୋଗଦେଇ ମହାପ୍ରଭୁ ଜଗନ୍ନାଥ ଓ ପବିତ୍ର ବେଲବୃକ୍ଷର ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଜଗତସିଂହପୁର ଶାଖାର ମୁଖ୍ୟ ପ୍ରବନ୍ଧକ ସତ୍ୟ ପ୍ରିୟ ଦଳାଇ, ସମ୍ମାନୀୟ ଅତିଥି ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମିହିର କୁମାର ପାଲ, ଦିଶା ଆୟୁର୍ବେଦର ପ୍ରତିଷ୍ଠାତା ଡକ୍ଟର ଦେବଉର ସାମନ୍ତରାୟ, ବିଶିଷ୍ଟ ଅତିଥି ଭାବେ ସମାଜର ସହ ଏଡିଟର ତଥା ଚିଫ ବ୍ୟୁରୋ ଡକ୍ଟର ସୁଜିତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ୫୨ ତମ ବିଶ୍ୱ ପରିବେଶ ଦିବସର ଆଲୋଚ୍ୟ ବିଷୟ ଉପରେ ଗୁରୁତ୍ୱାରୋପ କରିବାସହ ଭୂମିର ଅହେତୁକ ଅବକ୍ଷୟକୁ ସୀମିତ ରଖିବା ପାଇଁ ସାମୁହିକ ପଦକ୍ଷେପ ନିମନ୍ତେ ଆହ୍ୱାନ ଦେଇଥିଲେ । ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ପ୍ରିୟତମା ସାହୁ ଓଁ କାର ବନ୍ଦନା ଓ ବିବେକବାଣୀ ପାଠ କରିଥିବାବେଳେ ଇନସାଫର ବୈଷୟିକ ଉପଦେଷ୍ଟା ପରିବେଷବିତ ଉତ୍କଳ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ୬ ଜଣ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା. ୨୦୨୨ ଓ ୨୦୨୩ରେ ବୃକ୍ଷରୋପଣ କାର୍ଯ୍ୟକୁ ସଫଳ ରୂପାୟନ କରିଥିବା ବକ୍ରସେନ୍‌ହା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୁତକୀର୍ତ୍ତି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇନସାଫ ପକ୍ଷରୁ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଜଣ ଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ଅମୁଲ୍ୟ କୁମାର ମିଶ୍ର ଓ ବିଜ୍ଞାନ ଶିକ୍ଷୟିତ୍ରୀ ମନୀଷା ମିଶ୍ର ପରିଚାଳନା କରିଥିବାବେଳେ ବୃକ୍ଷ ମଣିଷ ସଂଯମ କିଶୋର ମହାନ୍ତି ପରିବେଶ ସୁରକ୍ଷାର ଏକ ସ୍ୱରଚିତ ସଂଗୀତ ଗାଇ ସମସ୍ତଙ୍କ ମନ ମୋହିଥିଲେ । ଶେଷରେ ପ୍ରକୃତିବନ୍ଧୁ ପରିଷଦର ସଭାପତି ଡକ୍ଟର ଶରତ ଚନ୍ଦ୍ର ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ସୁଶ୍ରୀ ସ୍ମିତା ଦାସ, ପ୍ରଗତି ପ୍ରିୟମ୍ବଦା ଜେନା, ଶରତ କୁମାର ପଣ୍ଡା, କୈଳାଶ ଚନ୍ଦ୍ର ପରିଡା, ଅନିଲ କୁମାର ପୋଥାଲ, ଅଞ୍ଜନ କୁମାର ସାହୁ, ରାଜକିଶୋର ସାହୁ, ଆଦିତ୍ୟ ନାରାୟଣ ଚୌଧୁରୀ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶେଷରେ ସମସ୍ତଙ୍କୁ ଫଳ ଚାରା ବଣ୍ଟନ କରାଯାଇଥିଲା ।

ଶିକ୍ଷଣୀୟ ଥିଲା ଘସିପୁରା ଅନୁଭୂତି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଘସିପୁରା ଅନୁଭୂତ ଶିକ୍ଷଣୀୟ ଥିଲା ବୋଲି ଘସିପୁରା ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି । ନିର୍ବାଚନ ଫଳାଫଳ ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘସିପୁରା ନିର୍ବାଚନର ଅନୁଭୂତି ଓ ରାଜ୍ୟ ନିର୍ବାଚନରେ ବିଜେଡିର ପରାଜୟକୁ ନେଇ ପ୍ରତିକ୍ରିୟା ଦେବା ଅବସରରେ ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି । ଏହାଛଡ଼ା ସେ କହିଛନ୍ତି ଯେ ବିନା ଦଳ ଓ ସଂଗଠନରେ ନିର୍ବାଚନ ଲଢ଼ିଥିଲି । ସେଠାରେ ନେତାଙ୍କ ପ୍ରତି ଲୋକଙ୍କର ପ୍ରବଳ ଜନଅସନ୍ତୋଷ ଥିଲା । ଆତଙ୍କରାଜ ଓ ଗୁଣ୍ଡାଗର୍ଦ୍ଦିକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ ।

ସେଥିପାଇଁ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ପ୍ରତିଜ୍ଞା ନେଇଥିଲି । ଏଥର ଘସିପୁରାରେ ବିନା ବୁଥ୍ କ୍ୟାପଚରିଂରେ ନିର୍ବାଚନ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଅନ୍ୟପକ୍ଷରେ ବିଜୟୀ ପ୍ରାର୍ଥୀଙ୍କୁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି । ଏହାସହ ଆଗାମୀ ନିର୍ବାଚନଗୁଡ଼ିକରେ ସ୍ୱାଧୀନ ସାଂସଦ ପ୍ରାର୍ଥୀ ଓ ସ୍ୱାଧୀନ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଅଲଗା ଚିହ୍ନ ରଖିବାକୁ ସେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସେପଟେ ଚଳିତ ନିର୍ବାଚନରେ ବିଜେଡିର ପରାଜୟ ନେଇ ସେ କହିଛନ୍ତି ଯେ ପ୍ରଥମ କିଛି ବର୍ଷ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ହେଉଥିଲା । କିନ୍ତୁ ପରେ ଏହା ଆଉ ସମ୍ଭବ ହେଲାନାହିଁ । ଯାହାର ପରିଣାମ ଦଳ ଆଜି ଭୋଗିଛି । ଯିଏ ସତକୁ ବୁଝେ ନାହିଁ, ସିଏ ବେଶୀ ଦିନ ତିଷ୍ଠିପାରେନି ବୋଲି ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି ।

ଘାଟିରେ ଓଲଟିଲା ମିନି ଟ୍ରକ୍, ୧୦ ଗୋରୁ ମୃତ

ହିନ୍ଦୋଳ, ନ୍ୟୁଜ ବ୍ୟୁରୋ
ନରସିଂହପୁର ଘାଟିରେ ଓଲଟିଲା ଗୋରୁ ବୋଝେଇ ମିନି ଟ୍ରକ୍ । ମିନି ଟ୍ରକ ଓଲଟି ୧୦ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମିନି ଟ୍ରକରେ ୨୦ ରୁ ଉର୍ଦ୍ଧ୍ୱ ଗୋରୁ ନେଇ ନରସିଂହପୁରରୁ ହିନ୍ଦୋଳ ଆଡ଼କୁ ଆସୁଥିବା ବେଳେ ଘଟିଛି ଦୁର୍ଘଟଣା । ଡ୍ରାଇଭର ହେଲ୍ପର୍ ଗାଡ଼ିରେ ଚାପି ହୋଇ ରହିଥିଲା ବେଳେ ହିନ୍ଦୋଳ ଦମକଳ ବାହିନୀ କରୁଛନ୍ତି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ରବିବାର କେନ୍ଦ୍ର ...

ଆସନରୁ ଜିତିଥିବା ସଙ୍ଗୀତା ସିଂହଦେଓ, ଭୁବନେଶ୍ୱର ଆସନରୁ ଜିତିଥିବା ଅପରାଜିତା ଷଡଙ୍ଗୀ, ସୁନ୍ଦରଗଡ ଆସନରୁ ଜିତିଥିବା ଜୁଏଲ ଓରାମ, ମୟୂରଭଞ୍ଜ ଆସନରୁ ଜିତିଥିବା ନବଚରଣ ମାଝୀ, କଟକ ଆସନରୁ ଜିତିଥିବା ଭର୍ତ୍ତୃହରୀ ମହତାବ ଏବଂ କେନ୍ଦ୍ରାପଡା ଆସନରୁ ଜିତିଥିବା ବୈଜୟନ୍ତ ପଣ୍ଡା କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଏନ୍‌ଡିଏ ସହଯୋଗୀ ଦଳକୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳୁଥିବା ବେଳେ ଓଡ଼ିଶାରୁ ଏଥର ସର୍ବାଧିକ ସାଂସଦ ପ୍ରାର୍ଥୀ ଜିତିଥିବାରୁ ସେମାନଙ୍କ ମଧ୍ୟରୁ ଅତି କମ୍‌ରେ ୫/୬ ଜଣଙ୍କୁ ସ୍ଥାନ ମିଳିପାରେ ବୋଲି ଆଲୋଚନା ହେଉଛି । କ୍ୟାବିନେଟ୍ ମନ୍ତ୍ରୀ ଭାବେ ୨/୩ ଜଣ ଏବଂ ରାଷ୍ଟ୍ରମନ୍ତ୍ରୀ ଭାବେ ୨ ଜଣଙ୍କୁ ନିଆଯାଇ ପାରେ ବୋଲି ଚର୍ଚ୍ଚା ହେଉଛି । ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ ନିୟମ ଅନୁସାରେ ସର୍ବାଧିକ ଥର ବିଜୟ ଲାଭ କରିଥିବା ସାଂସଦଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ମିଳିପାରେ । ଏହି ଦୃଷ୍ଟିରୁ ବିଚାରକଲେ ଧର୍ମେନ୍ଦ୍ର ପ୍ରଧାନଙ୍କ ପରେ ଭର୍ତ୍ତୃହରି ମହତାବ, ସଙ୍ଗୀତା ସିଂହଦେଓ ଏବଂ ଜୁଏଲ ଓରାମଙ୍କ ନାମ ଆଗକୁ ଆସୁଛି । ତେବେ ନୂଆ ମନ୍ତ୍ରିମଣ୍ଡଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରୁ କାହାକୁ ବାଛିବେ ତାହା ଖୁବ୍‌ଶୀଘ୍ର ଜଣାପଡିବ ।

ଏଥର ଇଭିଏମକୁ ...

କୋଡ ଅଫ କଣ୍ଡକ୍ଟ ବା ଆଦର୍ଶ ଆଚରଣ ବିଧିକୁ ଉଠାଇଦିଆଯାଇଛି ।

ଗତ ୨୦-୨୨ ବର୍ଷ ଧରି ଇଭିଏମ ସଠିକ ଫଳାଫଳ ଦେଖାଉଛି । ସେ ଅତ୍ୟନ୍ତ ନିର୍ଭରଶୀଳ । ସେ ସବୁ ଦୃଷ୍ଟିରୁ ନିରପେକ୍ଷ ହୋଇ ନିଜ କାମ କରୁଛନ୍ତି । ସେ ସମସ୍ତ ଭୋଟର ଓ ଏଜେନ୍ସିକୁ ଧନ୍ୟବାଦ ଜଣାଇଛନ୍ତି । ପ୍ରକୃତ ବିଜୟ ହେଉଛି ଗଣତନ୍ତ୍ରର । ଯଦି ଆମେ ବିଶ୍ୱ ରେକର୍ଡ ସୃଷ୍ଟି କରି ଏତେ ବଡ଼ ଦେଶରେ ନିର୍ବାଚନ କରିବାରେ ସକ୍ଷମ ହୋଇପାରିବା, ତେବେ ଏହା ଗଣତନ୍ତ୍ର ଉପରେ ବିଶ୍ୱାସ ବଜାୟ ରଖିବ । ଜମ୍ମୁ-କଶ୍ମୀରରେ ନିର୍ବାଚନ ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ ହରିୟାଣାରେ ସବୁଠି ଠିକ ସମୟରେ ନିର୍ବାଚନ ହେବ । ଜମ୍ମୁ-କଶ୍ମୀରରେ ମଧ୍ୟ କମିଶନଙ୍କ ପ୍ରସ୍ତୁତି କ୍ରମାଗତ ଭାବେ ଜାରି ରହିଛି ।

ତୃତୀୟଥର ପାଇଁ ...

ଯାନରେ ପ୍ରଥମ ଥର ପାଇଁ ମହାକାଶ ଯାତ୍ରା କରିଥିଲେ । ଇଣ୍ଟରନ୍ୟାସନାଲ ସ୍ପେସ ସେଣ୍ଟର ଅନେକ ଦିନ ଧରି ରହିଥିଲେ । ଏହି ସମୟରେ ସେ ଚାରିଥର ଆଇଏସଏସରୁ ବାହାରି ମହାକାଶରେ ପଦଯାତ୍ରା କରିଥିଲେ । ପୁଣି ୨୦୧୨ ଜୁଲାଇ ୧୫ରେ କାଜାଖସ୍ତାନର ବୈକାନୁର କସ ମୋଡ୍ରମରୁ ସୋୟୁଜ-୦୫ଏମ ରକେଟ ଜରିଆରେ ଦ୍ୱିତୀୟ ଥର ମହାକାଶ ଯାତ୍ରା କରିଥିଲେ ।

ଶିବରାଜ ବିଜେପିର ...

୨୦୨୪ଲୋକସଭା ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିବରାଜ ସିଂଙ୍କ ପାଇଁ ଏକ ପ୍ରମୁଖ ଭୂମିକା ବିଷୟରେ ସୂଚନା ଦେଇଥିଲେ ଏବଂ ତାଙ୍କର ଅତୀତର ସହଯୋଗକୁ ମନେ ପକାଇ ଦିଲ୍ଲୀରେ ତାଙ୍କ ସହ କାମ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଶିବରାଜ ସିଂ ଉଭୟ ଶାସନ ତଥା ଦଳ ସଂଗଠନରେ ଅଭିଜ୍ଞ, ସେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ ଦୀର୍ଘଦିନର କାର୍ଯ୍ୟ କରିବାର ରେକର୍ଡ ରହିଛି । ୨୦୨୩ ବିଧାନସଭା ନିର୍ବାଚନରେ ବିଜେପିର ସଫଳତାରେ ତାଙ୍କର ଲାଡଲି ବେହନା ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଆରଏସଏସ ସହିତ ଶିବରାଜ ସିଂଙ୍କର ଗଭୀର ସମ୍ପର୍କ ରହିଛି, ସେ ୧୯୭୨ ମସିହାରେ ୧୩ ବର୍ଷ ବୟସରେ ସଂଗଠନରେ ଯୋଗ ଦେଇଥିଲେ ।

ସେ ଅଧିକାଂଶ ସମୟ ଅଖିଲ ଭାରତୀୟ ବିଦ୍ୟା ପରିଷଦ (ଏବିଭିପି) ସହ ବିତାଇଥିଲେ ଏବଂ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଜାତୀୟ ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । ଜୁନ୍ ୩୦ ରେ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ବିଜେପି ଖୁବ୍ ଶୀଘ୍ର ଏହାର ନୂତନ ଜାତୀୟ ଅଧ୍ୟକ୍ଷଙ୍କ ନାମ ଘୋଷଣା କରିବ ବୋଲି ଆଶା କରାଯାଉଛି । ଲୋକସଭା ନିର୍ବାଚନରେ ଦଳର ପ୍ରଦର୍ଶନ ପରେ କର୍ମୀଙ୍କ ମନୋବଳ ବୃଦ୍ଧି କରିବାକୁ ଏହି ପଦକ୍ଷେପ ନିଆଯାଇଛି ।

ତେବେ ନଡ୍ଡାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୩.୦ କ୍ୟାବିନେଟରେ ସାମିଲ କରିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ପୂର୍ବରୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦରୁ ଇସ୍ତଫା ପ୍ରଦାନ କରି ଅମିତ ଶାହ ମୋଦିଙ୍କ ୨.୦ କ୍ୟାବିନେଟରେ ଗୃହମନ୍ତ୍ରୀ ହୋଇଥିଲେ । ଏବେ ନଡ୍ଡା ମଧ୍ୟ ସମାନ ଧାରାରେ କ୍ୟାବିନେଟରେ ସାମିଲ ହୋଇ ପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

ମୋଦି ୩.୦ ସରକାର...

ଦାବି କରିଛନ୍ତି ।

କ୍ୟାବିନେଟ ମନ୍ତ୍ରୀ ସହ ଚନ୍ଦ୍ରବାବୁ ନାଇଡୁ ଲୋକସଭା ବାଚସ୍ପତି ପଦ ମଧ୍ୟ ବିଜେପି ଠାରୁ ଆଣିବାକୁ ଚାହୁଁଛନ୍ତି । କିନ୍ତୁ ବିଜେପି ଏହି ଦାବିକୁ ମାନିବା ସପକ୍ଷରେ ନାହିଁ । ବାଚସ୍ପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦକୁ ସହଯୋଗୀଙ୍କୁ ବିଜେପି ଦେବ ନାହିଁ ବୋଲି ନିଷ୍ପତ୍ତି ନେଇଛି ।

ବିଜେପି ଏକାକୀ ୨୪୦ଟି ଲୋକସଭା ଆସନ ଜିତିଥିବା ବେଳେ ମ୍ୟାଜିକ ନମ୍ବର ଠାରୁ ୩୨ଟି ସିଟ ପଛରେ ରହିଛି । ତେଣୁ ମୋଦି ୩.୦ ସରକାର ଗଠନରେ ସହଯୋଗୀ ଦଳଗୁଡ଼ିକର ଗୁରୁତ୍ୱ ବଢ଼ି ଯାଇଛି । ଟିଡିପି, ଶିବସେନା, ଜେଡିୟୁ ଓ ଲୋକ ଜନଶକ୍ତି ପାର୍ଟି(ରାମ ବିଳାଶ) ମିଳିତ ଭାବେ ୪୦ଟି ଆସନ ରଖିଛନ୍ତି ।

ଇସ୍ତଫା ଦେଲେ ...

ମଧ୍ୟ ଇସ୍ତଫା ଦେଇଛନ୍ତି ।

ସୁରେଶ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ହେବା ପରେ ଆର ବାଲକ୍ରିଷ୍ଣନଙ୍କୁ ସ୍ୱତନ୍ତ୍ର ଉପକ୍ରମ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଥିଲେ ମୁଖ୍ୟମନ୍ତ୍ରୀ । ବାଲକ୍ରିଷ୍ଣନଙ୍କୁ ମୁଖ୍ୟ ସଚିବ ପାହ୍ୟାରେ ନିଯୁକ୍ତି ମିଳିଥିଲା । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏଭଳି କିଛି ଉଚ୍ଚ ପାହ୍ୟାରେ ନିଯୁକ୍ତ ହେଉଥିବା ବ୍ୟକ୍ତିଙ୍କୁ ସାଧାରଣତଃ ସରକାରଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ନିଯୁକ୍ତି ମିଳିଥାଏ ।

ସେହିଭଳି ପ୍ରଥମ ଥର ପାଇଁ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗରେ ଠିକାରେ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଥିବା ମନୋଜ କୁମାର ମିଶ୍ର ମଧ୍ୟ ଇସ୍ତଫା ଦେଇଛନ୍ତି । ୨୦୨୨ ଡିସେମ୍ବର ୨୮ ତାରିଖରେ ସେ ରେଳବାଇ ଅଧିକାରୀ ପଦରୁ ସ୍ୱେଚ୍ଛାକୃତ ଅବସର ନେବା ମାତ୍ରେ ତା' ପରଦିନଠାରୁ ତାଙ୍କୁ ସେହି ବିଭାଗରେ ଠିକାରେ ପ୍ରମୁଖ ସଚିବ ରଖାଯାଇଥିଲା । ପୂର୍ବରୁ ସେ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ସ୍ୱତନ୍ତ୍ର ଅଧିକାରୀ ଭାବେ ବି କାମ କରିଥିଲେ ।

ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟକୁ ଦେଖିଲେ କେବଳ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଏବେ ପ୍ରାୟ

ରବିବାସରୀୟ ସମ୍ବାଦ
ଶେଷ ପୃଷ୍ଠା
ଭୁବନେଶ୍ୱର
୭ ଜୁନ୍
ଶୁକ୍ରବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

ନିହାଣ ମୁନରେ କମ୍ପୁଛି ରଥ ଖଳା : ମହାପ୍ରଭୁଙ୍କ ରଥର ଦଣ୍ଡା ନିର୍ମାଣ ଅନୁକୂଳ

ପୁରୀ, ୬/୬ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ତେବେ ଗୁରୁବାର ତିନି ରଥର ଦଣ୍ଡା ନିର୍ମାଣ ଅନୁକୂଳ ହୋଇଛି । ତିନି ରଥର ୪୨ଟି ଚକ ମଧ୍ୟରୁ ୩୯ ଗୋଟି ଚକ ନିର୍ମାଣ ଶେଷ ହେବା ସହ ତିନି ରଥର ୨୧ଟି ଅଖ ନିର୍ମାଣ ଶେଷ ହୋଇଛି । ଏଥିସହ ତିନି ରଥର ବିଭିନ୍ନ ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ରଥର ନିର୍ମାଣ ଶେଷ ହୋଇଥିବା ଆଗ, ପଛ ଦୁଇଟି ଲେଖାଏଁ ମୁହାଁଟର ଅନୁକୂଳ ପୂଜା ହୋଇ ବିନ୍ଧ କାର୍ଯ୍ୟ ଆରମ୍ଭ ହେଇଛି । ଏଥିସହ ତିନି ରଥର ପାଞ୍ଚଦଣ୍ଡାର ଅନୁକୂଳ ପୂଜା ହୋଇ ଦଣ୍ଡାଗୁଡ଼ିକର ଚଉପଟ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇଛି । ତାଳଧ୍ୱଜ ରଥର ୧୧ଟି ଚକର ନିର୍ମାଣ ଶେଷ ହୋଇ ୧୨ତମ ଏବଂ ୧୩ ତମ ଚକର ତୁମ୍ବରେ ପଇ ସଂଯୋଗ ପରେ ପଇକୁ ବାନ୍ଧି ରଖିବା ପାଇଁ ପଇ ସଂଯୋଗ ସ୍ଥଳର ଘାଟି ପ୍ରସ୍ତୁତି ବା କଳଶା କାର୍ଯ୍ୟ ଜାରି ରହିଛି । ଏତତ୍ ବ୍ୟତୀତ ତାଳଧ୍ୱଜ ରଥର

ତିନି ଭୂଇଁ ନିର୍ମାଣ ପାଇଁ ଆବଶ୍ୟକ ୧୨ଟି ୧୮ ଫୁଟିଆ ଭୂଇଁ ଚଉତାରୁ ପ୍ରଥମ ଭୂଇଁର ୪ଟି ଭୂଇଁ ଚଉତାକୁ ଚଉପଟ କାର୍ଯ୍ୟ ଶେଷ ହୋଇଛି । ତାଳଧ୍ୱଜ ରଥର ୭ଟି ଅଖର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଏଥିସହ ତାଳଧ୍ୱଜ ରଥର ପୋଲ ଗୟଳର ଚିରଟ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଦର୍ପଦଳନ ରଥର ମୋଟ ୬ଟି ଅଖର ନିର୍ମାଣ କାର୍ଯ୍ୟ ଶେଷ ହୋବା ସହ ୧୧ତମ ଚକର ପଇ କଳଶ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ଦର୍ପଦଳନ ରଥର ଚାରି ଗୋଟି ପ୍ରଥମ ଭୂଇଁ ଚଉପଟ କାର୍ଯ୍ୟ ଶେଷ ହୋଇଅଛି । ଦର୍ପଦଳନ ରଥର ପାଞ୍ଚ ଦଣ୍ଡା ଅନୁକୂଳ ପୂଜା ହୋଇ ଚଉପଟ କାର୍ଯ୍ୟ ଆରମ୍ଭ ହେଇଛି । ନନ୍ଦିଘୋଷ ରଥର ୧୬ଟି ଚକ ମଧ୍ୟରୁ ୧୪ଟି ଚକ ନିର୍ମାଣ ଶେଷ ହୋଇଛି । ୧୫ ତମ ଚକର ତୁମ୍ବ ସିଙ୍ଗଡାରେ ପଇ ପିନ୍ଧା ପରେ ପଇ କଳସା ଜାରି ରହିଛି । ଏଥିସହ ନନ୍ଦିଘୋଷ ରଥର ୮ଟି ଅଖର ନିର୍ମାଣ ଶେଷ ହୋଇ ୧୨ ଗୋଟି ଭୂଇଁ ଚଉତାରୁ ପ୍ରଥମ ଭୂଇଁର ୪ଟି ଭୂଇଁ ଚଉତା କାଠର ଚଉପଟ ଶେଷ ହୋଇଛି । ଦ୍ୱିତୀୟ ଭୂଇଁର ୪ଗୋଟି ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଜାରି ରହିଛି । ନନ୍ଦିଘୋଷ ରଥର ପାଞ୍ଚ ଦଣ୍ଡାର ଅନୁକୂଳ ପୂଜା ହୋଇ ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି । ତିନି ରଥର ରୂପକାର ସେବକମାନେ କୋଣ ଗୁଜାରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିଥିବା ବେଳେ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ କାର୍ଯ୍ୟ ସହ ରୂପ ଗୁଡ଼ିକରେ ଅଳଙ୍କାର ପକା କାର୍ଯ୍ୟ ଜାରି ରହିଛି । ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଯୋକା କଣ୍ଟା, ଦଣ୍ଡାକଣ୍ଟା, ଅଗ ପତେଳି କଣ୍ଟା ସହ ବିଡ଼ିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି ।

ଭୁବନେଶ୍ୱର : ସାବିତ୍ରୀ ବ୍ରତ ପାଳନ ଅବସରରେ ରାଜଧାନୀରେ ସଧବା ମହିଳାମାନେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

ପୁରୀ ବାଣ ବିସ୍ଫୋରଣ ଘଟଣା : ଅଭିଯୋଗ ଶୁଣାଣି କଲେ ଏସଆରସି

ପୁରୀ, ୬/୬ ନ୍ୟୁଜ ବ୍ୟୁରୋ

ନରେନ୍ଦ୍ର ପୋଖରୀରେ ଭଉଁରୀ ଯାତ୍ରା ସମୟରେ ବାଣ ବିସ୍ଫୋରଣ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଏସଆରସି ସତ୍ୟବ୍ରତ ସାହୁ । ଏନେଇ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଏକ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ କର୍ତ୍ତବ୍ୟରେ ଅବହେଳା କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପୀଡ଼ିତ ପରିବାର । ଅଭିଯୋଗ ଶୁଣାଣୀ ବୈଠକରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ପିନାକ ମିଶ୍ର ଏବଂ ଭଉଁରୀ ଉତ୍ସବ ଦିନ ନରେନ୍ଦ୍ର ପୁଷ୍କରିଣୀରେ କର୍ତ୍ତବ୍ୟରେ ଥିବା ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ମୃତାହତ ହୋଇଥିବା ପରିବାର ସଦସ୍ୟ ମାନେ ଉପସ୍ଥିତ ରହି ଘଟଣା ପ୍ରସଙ୍ଗରେ ନିଜର ମତାମତ ଦେବା ସହ ଅଭିଯୋଗ ଏବଂ ଅନେକ ଦାବି ଏସଆରସିଙ୍କ ନିକଟରେ ରଖିଥିଲେ । ବାଣ ବିସ୍ଫୋରଣରେ ପ୍ରାଣ ହରାଇଥିବା ପରିବାର ବର୍ଗଙ୍କୁ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ, ଆହତ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପିଡୀତଙ୍କ ପରିବାର ସଦସ୍ୟ ଦାବି ରଖିଥିଲେ । ବାଣ ବିସ୍ଫୋରଣରେ ଏପର୍ଯ୍ୟନ୍ତ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଏବେବି ମୃତ୍ୟୁସହିତ ସଂଘର୍ଷ କରୁଛନ୍ତି । ସୂଚନା ଅନୁଯାୟୀ, ଗତ ୨୯ ତାରିଖ ବୁଧବାର ଭଉଁରୀ ଉତ୍ସବ ଚାଲିଥିବା ବେଳେ ସନ୍ଧ୍ୟାରେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପ୍ରଚଣ୍ଡ ବାଣ ବିସ୍ଫୋରଣ ହୋଇଥିଲା । ଏହି ଘଟଣାରେ ୩୬ ଜଣ ଆହତ ହୋଇଥିଲେ । ଚିକିତ୍ସାଧିନ ଅବସ୍ଥାରେ ବର୍ତ୍ତମାନ ସୁଦ୍ଧା ୧୫ ଜଣଙ୍କ ମୃତ୍ୟୁ ହୋଇସାରିଲାଣି । ଅନେକ ଆହତ ଏବେବି ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ଅଛନ୍ତି । ତେବେ ପୁରୀ ମେଡିକାଲରେ ବର୍ନ୍ ୟୁନିଟ୍ ନଥିବାରୁ ଉପଯୁକ୍ତ ପ୍ରାଥମିକ ଚିକିତ୍ସା ନପାଇ ଅନେକ ଆହତ ବ୍ୟକ୍ତି ମୃତ୍ୟୁବରଣ କରିଥିବା ଏସଆରସିଙ୍କ ନିକଟରେ ଅଭିଯୋଗ କରିଥିଲେ ପିଡୀତ ପରିବାର ଓ ବୁଦ୍ଧିଜୀବୀ । ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏସଆରସିଙ୍କ ନିକଟରେ ଦାବି ହୋଇଛି । ପୁରୀ ବାଣ ବିସ୍ଫୋରଣ ଘଟଣାରେ ଏସଆରସି ଅଭିଯୋଗ ଶୁଣାଣୀ କରିଥିଲେ ମଧ୍ୟ ଗଣମାଧ୍ୟମକୁ ଏନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ଏସଆରସି । ତେବେ ଏହି ଘଟଣାରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଏସଆରସି ତାକୁ ଏବେ ସମସ୍ତଙ୍କ ଅପେକ୍ଷା । ବାଣ ବିସ୍ଫୋରଣ ଘଟଣାରେ ୪ ଜଣ ବାଣ ବ୍ୟବସାୟୀଙ୍କୁ ଗିରଫ କରି ଚୁପ୍ ବସିଛି ପୋଲିସ । ତେବେ ମୁଖ୍ୟ ଅଭିଯୁକ୍ତକୁ ଘଣ୍ଟ ନଘୋଡାଇ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

ପୂରଣ ହେବ ଭକ୍ତଙ୍କ ଦାବି, ଖୋଲିବ ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର : ବିଜେପି

ପୁରୀ, ୬/୬ ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ବିଜେଡି ସରକାର ପତନ ପରେ ବଢିଲା ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର ଖୋଲିବା ଆଶା । ଶ୍ରୀମନ୍ଦିର ଚାରି ଦ୍ୱାର ଭକ୍ତଙ୍କ ପାଇଁ ଖୋଲିବ । ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି କରାଯିବ ବୋଲି କହିଛନ୍ତି ନବ ନିର୍ବାଚିତ ସାଂସଦ ସମ୍ବିତ ପାତ୍ର ଓ ବିଧାୟକ ସୂର୍ଯ୍ୟବଂଶୀ ସୂରଜ । ସରକାର ଗଠନ ପରେ ଭକ୍ତଙ୍କ ଦାବି ପୂରଣ କରାଯିବ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି । ନିର୍ବାଚନୀ ପ୍ରଚାର ସମୟରେ ପୁରୀ ଗସ୍ତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ପ୍ରତିଶ୍ରୁତି ଦେଇଥିଲେ । ଯଦି ବିଜେପି ସରକାରକୁ ଆସେ ତେବେ ରତ୍ନଭଣ୍ଡାର ଖୋଲିବା ସହ ଶ୍ରୀମନ୍ଦିର ଚାରିଦ୍ୱାର ମଧ୍ୟ ଖୋଲାଯିବ ବୋଲି କହିଥିଲେ । ଇତିମଧ୍ୟରେ ନିର୍ବାଚନ ଶେଷ ହୋଇ ଫଳାଫଳ ପ୍ରକାଶ ପାଇଛି । ବିଜେଡି ସରକାରର ପତନ ହୋଇଛି ।

ଓଡ଼ିଶାରେ ପ୍ରଥମ ଥର ଲାଗି ବିଜେପି ସରକାର ଗଢିବାକୁ ଯାଉଛି । ବିଜେପି ସରକାରକୁ ଆସିବା ପରେ ପ୍ରତିଶ୍ରୁତି ଅନୁଯାୟୀ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ଭକ୍ତ ଓ ସେବାୟତମାନେ ଆଶା ରଖିଛନ୍ତି । ଦୀର୍ଘ ବର୍ଷ ହେବ ରତ୍ନ ଭଣ୍ଡାର ବନ୍ଦ ଥିବା ବେଳେ ରତ୍ନ ଅଳଙ୍କାର ସୁରକ୍ଷିତ ଅଛି କି ନାହିଁ ତାହା ମଧ୍ୟ ତଦାରଖ ହେବ ବୋଲି ଭକ୍ତ ଆଶା ରଖିଛନ୍ତି । ଏନେଇ ଜଣେ ଶ୍ରୀମନ୍ଦିର ସେବାୟତ କହିଛନ୍ତି, 'ଶ୍ରୀମନ୍ଦିର ସିଂହଦ୍ୱାରକୁ ଛାଡି ଅନ୍ୟ ତିନି ବନ୍ଦ ଦ୍ୱାରା ଭକ୍ତ ଓ ପୁରୀ ବାସିନ୍ଦା ଅକଥନୀୟ ଅସୁବିଧା ଭୋଗୁଛନ୍ତି । ନିଜ ଇଚ୍ଛାରେ ମହାପ୍ରଭୁଙ୍କୁ ଦର୍ଶନ କରିପାରୁନାହାନ୍ତି । ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଲାଇନରେ ରହିବାକୁ ପଡୁଛି । ବାରମ୍ବାର ଏହି ସମସ୍ୟା ସମାଧାନ ପାଇଁ ବିଜେଡି ସରକାରକୁ ଅବଗତ କରାଗଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ । ଯାହାର ଜବାବ ଚଳିତ ନିର୍ବାଚନରେ ଜନତା ଦେଲେ । ବିଜେଡି ସରକାର ପରାଜୟ ବରଣ କଲା ।' ସେ ଆହୁରି କହିଛନ୍ତି ଯେ ମହାପ୍ରଭୁ ହେଉଛନ୍ତି ଭକ୍ତ ପ୍ରିୟ । ତାଙ୍କ ଭକ୍ତକୁ ଯିଏ କଷ୍ଟ ଦେବ ମହାପ୍ରଭୁ ସହିପାରିବେନି । ଆଉ ଯାହାକି ଚଳିତ ନିର୍ବାଚନରେ ତାହା ପ୍ରତିଫଳିତ ହେଲା । ମହାପ୍ରଭୁ ଅହଙ୍କାରକୁ ଭାଙ୍ଗି ଚୂରମାର କରିଦେଲେ । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀମନ୍ଦିର ଚାରି ଦ୍ୱାର ଭକ୍ତଙ୍କ ପାଇଁ ଖୋଲିବା, ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଖୋଲିବା ନେଇ ପ୍ରତିଶ୍ରୁତି ଦେଇ ଥିବାରୁ ପ୍ରଧାନମନ୍ତ୍ରୀ ତାହା ନିଶ୍ଚିତ ପାଳନ କରିବେ ବୋଲି ଶ୍ରୀମନ୍ଦିର ସେବାୟତ ଆଶା ରଖିଛନ୍ତି । ଭକ୍ତମାନେ ମଧ୍ୟ ଚାରି ଦ୍ୱାର ଖୋଲିବା ନେଇ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି । ଏନେଇ ଜଣେ ଭକ୍ତ କହିଛନ୍ତି, 'କେବଳ ଚାରି ଦ୍ୱାର ଖୋଲି ନୂଆ ବିଜେପି ସରକାର ଚୁପ୍ ବସିଲେ ଚଳିବ ନାହିଁ । ଶ୍ରୀମନ୍ଦିର ଭିତରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହେଉ । ଏହା ଦ୍ୱାରା ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଭକ୍ତ ମହାପ୍ରଭୁଙ୍କୁ ଟିକେ ଭଲରେ ଦର୍ଶନ କରିପାରିବେ । ସେହିପରି କେତେକ ସେବାୟତ ମଧ୍ୟ ଭକ୍ତଙ୍କୁ ଦକ୍ଷିଣା ଆଦାୟ ବେଳେ ଦୁର୍ବ୍ୟବହାର କରୁଛନ୍ତି । ଏହା ଉପରେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବା ଉଚିତ ।' ସେପଟେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ନେଇ ଭକ୍ତ ଓ ସେବାୟତ ଦାବି କରିବା ପ୍ରସଙ୍ଗରେ ବିଜେପି ବିଧାୟକ ସୂରଜ ସୂର୍ଯ୍ୟବଂଶୀ କହିଛନ୍ତି, 'ଯାହା ବିଜେପି ପ୍ରତିଶ୍ରୁତି ଦେଇଥିଲା ତାହା ଶୀଘ୍ର ପୂରଣ ହେବ । ପୁରୀର ନବ ନିର୍ବାଚିତ ସାଂସଦ ସମ୍ବିତ ପାତ୍ର କହିଛନ୍ତି ଯେ ମୋଦି ଯାହା କୁହନ୍ତି ତାହା କରନ୍ତି । ଲୋକେ ମୋଦିଜୀଙ୍କ ଗ୍ୟାରେଣ୍ଟିକୁ ଭରସା କରି ଭୋଟ ଦେଇଛନ୍ତି । ଏଣୁ ମୋଦିଜୀଙ୍କ ଘୋଷଣା ଅନୁଯାୟୀ ଓଡ଼ିଶାରେ ସରକାର ଗଠନ ପରେ ଶ୍ରୀମନ୍ଦିର ଚାରି ଦ୍ୱାରକୁ ଭକ୍ତଙ୍କ ପାଇଁ ଖୋଲି ଦିଆଯିବ । ସେହିପରି ରତ୍ନ ଭଣ୍ଡାର ଖୋଲାଯାଇ ରତ୍ନ ଅଳଙ୍କାର ଗଣତି ସହ ରତ୍ନ ଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ତଦନ୍ତ ହେବ ବୋଲି ଶ୍ରୀ ପାତ୍ର କହିଛନ୍ତି ।

ରାହୁଲଙ୍କ ବିରୋଧରେ ଆପତିଜନକ ପୋଷ୍ଟ : ଏତଲା ଦେଲା କଂଗ୍ରେସ

ଭୁବନେଶ୍ୱର,୬/୬ ନ୍ୟୁଜ ବ୍ୟୁରୋ

ସାମାଜିକ ଗଣମାଧ୍ୟମରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଆପତିଜନକ ପୋଷ୍ଟ ଓ ହତ୍ୟାଧମକ ଦେବା ନେଇ ସାଇବର ଥାନାରେ ଏତଲା ଦେଇଛି କଂଗ୍ରେସ । ରାହୁଲ ଗାନ୍ଧୀଙ୍କୁ ଆକ୍ଷେପ କରି ଏକ ଆପତିଜନକ ପୋଷ୍ଟ "ଭାରତ ସିନେମା" ନାମକ ଏକ ମିଡିଆ ସଂସ୍ଥା ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିବା ଘଟଣାକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱର ସ୍ଥିତ ସାଇବର ଥାନାରେ ଏତଲା ଦାୟର କରାଯାଇଛି । ଏହା ସହିତ ତୁରନ୍ତ ଏହି ମିଡିଆ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିନିଧି ଦଳ ଦାବି କରିଛନ୍ତି । ଏହି ପୋଷ୍ଟରେ ଉଲ୍ଲେଖ ରହିଛି ଯେ "କଂଗ୍ରେସ ଓଡ଼ିଶାରେ କେବେବି ଆସିବ ନାହିଁ, ରାହୁଲ ଗାନ୍ଧୀ ଓଡ଼ିଶା ଆସିଲେ ମୁଁ ନାଥୁରାମ ଗଡ଼ସେ ହେବି, ଫଟୋଚିତ୍ର ଦ୍ୱାରା ଦର୍ଶାଯାଇଛି ଯେ ଭାରତ ସିନେମା ପ୍ରତିନିଧିଙ୍କ ଲକ୍ଷ୍ୟ ରାହୁଲ ଗାନ୍ଧୀଙ୍କୁ ଗୁଳିରେ ବନ୍ଧୁକଦ୍ୱାରା ହତ୍ୟା କରିବି ଯେପରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ନାଥୁରାମ ଗଡ଼ସେ ଗୁଳି ଦ୍ୱାରା ହତ୍ୟା କରିଥିଲେ"।

ସୌଜନ୍ୟ : ସୋସିଆଲ ମିଡିଆ

ଆଇଆଇସିଙ୍କ ଘର ଉପରେ ଆକ୍ରମଣ ଘଟଣା : ୬ ଦୁର୍ବୃତ୍ତ ଗିରଫ

କଟକ, ୦୬/୦୬ ନ୍ୟୁଜ ବ୍ୟୁରୋ

କଟକ ଜିଲ୍ଲା ମାଣିଆବନ୍ଧ ଥାନା ଓ ଆଇଆଇସିଙ୍କ ଘର ଉପରେ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି । ଦୁର୍ବୃତ୍ତମାନେ ଥାନା ଗାଡ଼ି ଭଙ୍ଗାରୁଜା କରିବା ସହିତ କର୍ମଚାରୀମାନଙ୍କୁ ଆକ୍ରମଣ କରିବା ପରେ ଆଇଆଇସିଙ୍କ ଘର ନିକଟରେ ପହଞ୍ଚି ପଥର ମାଡ଼ କରିଛନ୍ତି । ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି ବୋଲି ଗୁରୁବାର ବଡ଼ମ୍ବା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି । ପୁଲିସର ସୂଚନା ମୁତାବକ, ପାଟ୍ରୋଲିଂ ପରେ ଡିସିଓ ପବିତ୍ର କୁମାର ବେହେରା ରାତିରେ ଥାନାକୁ ଫେରିଥିଲେ । ରାତି ପ୍ରାୟ ୧୧ଟା୪୫ରେ ଦୁର୍ଦ୍ଦାନ୍ତ ଅପରାଧୀ ଶ୍ରୀକାନ୍ତ ଜେନା ଓରଫ କାଳିଆ (୩୬), ସହଯୋଗୀ ଅରବିନ୍ଦ ଜେନା ଓରଫ ନାଲୁ, ନିରଞ୍ଜନ ବେହେରା ଓରଫ ରିଙ୍କୁ, ଭଗବାନ ବେହେରା ଓରଫ ମହନି, ଆଲୋକ ପ୍ରଧାନ ଓରଫ ଚେମା, ପ୍ରକାଶ ରାଉତ ଓରଫ ବୁମ୍ବା ପ୍ରମୁଖ ୭ଜଣ ଦୁର୍ବୃତ୍ତ ଢାବାରେ ମଦ ପିଇବା ପରେ ଥାନା ନିକଟକୁ ଆସିଥିଲେ । ସେମାନେ ପାଚେରି ଡେଇଁ ଥାନାରେ ପଶିବା ପରେ କର୍ମଚାରୀଙ୍କୁ ଗାଳିଗୁଳଜ କରିବା ସହିତ ଡିସିଓ ଶ୍ରୀ ବେହେରାଙ୍କୁ ମାଡ଼ ମାରିଥିଲେ । ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ । ଏହି ସମୟରେ ଥାନା ଆଗରେ ଥିବା ବୋଲେରୋକୁ ଦୁର୍ବୃତ୍ତମାନେ ପଥର ମାରି ଭଙ୍ଗାରୁଜା କରିଥିଲେ ।

ନବ ନିର୍ବାଚିତ ବିଧାୟକ ଦଳ ବୈଠକରେ ନେତା ବଛାଯିବ : ଜୟନାରାୟଣ

ଭୁବନେଶ୍ୱର, ୦୬/୬ ନ୍ୟୁଜ ବ୍ୟୁରୋ

୨୦୨୪-ସାଧାରଣ ନିର୍ବାଚନରେ ଓଡ଼ିଶାରେ ବିଜେପିକୁ ଯେଉଁ ବିଜୟ ମିଳିଛି ତାହା ଲୋକଙ୍କର ସ୍ପଷ୍ଟ ରାୟ । ଲୋକେ ଚାହୁଁଥିଲେ ସରକାରଙ୍କ ପରିବର୍ତ୍ତନ ସେଥିପାଇଁ ବିଜେପିକୁ ଲୋକେ ଭୋଟ ଦେଲେ । ଖୁବ୍ ଶୀଘ୍ର ନୂଆ ସରକାର ଗଠନ ହେବ । ନବ ନିର୍ବାଚିତ ପ୍ରାର୍ଥୀମାନଙ୍କର ବୈଠକ ବସି ନେତା ନିର୍ବାଚନ କରାଯିବ ଏବଂ ଏହାକୁ ବିଜେପି ସଂସଦୀୟ ଦଳର ମୋହର ମିଳିବା ପରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ପ୍ରକାଶ ପାଇବ । ବିଜେପିରୁ ନିର୍ବାଚିତ

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏହା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଜଣେ ଓଡ଼ିଆ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହେବେ । ସେ ଓଡ଼ିଆରେ କହି ପାରୁଥିବେ । ଓଡ଼ିଶାର ବିକାଶ ଓ ଏକ ନମ୍ବର ରାଜ୍ୟ କରିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି । ଏହି ନିର୍ବାଚନରେ ଜିତିବା ପାଇଁ ନିର୍ଦ୍ଦିଷ୍ଟ ରଣନୀତିର ସହ ବିଜେଡିକୁ ଆକ୍ରମଣ କରିଥିଲୁ ଏବଂ ସେଥିରେ ସଫଳ ହେଲୁ । ଲୋକଙ୍କ ଭିତରେ କ୍ରୋଧ ଥିଲା । ଯାହାର ପ୍ରତିଫଳନ ଲୋକେ ଭୋଟ୍ ମାଧ୍ୟମରେ ଜଣାଇଲେ ବୋଲି ସେ କହିଥିଲେ । ରାଜ୍ୟରେ ଡାକ୍ତର, ଶିକ୍ଷକ ନାହାନ୍ତି । ବେକାରୀ ବଢିଛି, ଧାନମଣ୍ଡିରେ ଚାଷୀଙ୍କ ଧାନ କିଣା ଯାଉନାହିଁ ଆଦି ବିଭିନ୍ନ ପ୍ରସଙ୍ଗ ଆମେ ଉଠାଇଥିଲୁ । ଲୋକଙ୍କ ପାଖରେ ବିକଳ୍ପ ନଥିଲା । ଲୋକେ ବିକଳ୍ପ ଖୋଜୁଥିଲେ । ରତ୍ନଭଣ୍ଡାର ଚାବି ଖୋଜି ବାହାର କରିବୁ । କୋଷ୍ଟାଲ ହାଇୱେ କରିବୁ । କୌଣସି ଅଭିଯୁକ୍ତଙ୍କୁ ଛଡ଼ାଯିବନି ବୋଲି ସେ କହିଛନ୍ତି ।

ନଦୀରେ ଶୌଚ ବେଳେ ଟାଣିନେଲା କୁମ୍ଭୀର : ଖଣ୍ଡ ବିଖଣ୍ଡିତ ମୃତ ଶରୀର ଉଦ୍ଧାର

ରାଜକନିକା, ୬/୬ ନ୍ୟୁଜ ବ୍ୟୁରୋ

ଜଣେ ସମ୍ପର୍କୀୟଙ୍କ ଶବ ଦାହ କରି ନଦୀରେ ଶୌଚ ହେବା ସମୟରେ କୁମ୍ଭୀର ଝାମ୍ପି ନେବା ପରେ ଖଣ୍ଡ ବିଖଣ୍ଡିତ ମୃତ ଶରୀର ନଦୀକୂଳରୁ ଉଦ୍ଧାର ପରେ ସାଧାରଣରେ ଆତଙ୍କ ଖେଳିଯାଇଛି । ରାଜକନିକା ଥାନା ଅନ୍ତର୍ଗତ ସିଙ୍ଗିଡ଼ି ଗାଁର ସନାତନ ସାମଲ (୫୬) ସେହି ଗାଁର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ପରେ ଶବ ଦାହ କରି ଖରସ୍ରୋତା ନଦୀର ସିଙ୍ଗିଡ଼ି ଜୋରରେ ଗାଧୋଇବାକୁ ଯାଇଥିଲେ । ଶବବାହକମାନେ ଶୌଚ